

## ସର୍ବହରାର ମହାନ୍ ନେତା

# କମ୍ରେଡ ଶିବଦାସ ଘୋଷ

# ପ୍ରକାଶକଙ୍କ କଥା

## କେତୋଟି ଅବିସ୍ମରଣୀୟ ମୁହୂର୍ତ୍ତ

ଲେନିନୋତ୍ତର ଯୁଗର ବିଶିଷ୍ଟ ମାର୍କ୍ସବାଦୀ ଚିନ୍ତାନାୟକ, ଦାର୍ଶନିକ, ଆମ ଦଳର ପ୍ରିୟ ନେତା, ଶିକ୍ଷକ, ପଥପ୍ରଦର୍ଶକ, ଦଳର ପ୍ରତିଷ୍ଠାତା, ସାଧାରଣ ସମ୍ପାଦକ ଓ ସର୍ବହରାର ମହାନ୍ ନେତା କମ୍ରେଡ ଶିବଦାସ ଘୋଷଙ୍କ ଅକାଳ ବିୟୋଗରେ କେବଳ ଭାରତର ଶୋଷିତ ଜନସାଧାରଣଙ୍କର ମୁକ୍ତି ଆନ୍ଦୋଳନର ଅପୂରଣୀୟ କ୍ଷତି ଘଟିଛି ତାହା ନୁହେଁ, ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନର ମଧ୍ୟ ଅଶେଷ କ୍ଷତି ଘଟିଛି । ସେହି ନିଷ୍ଠୁର ଦିନଟି ଥିଲା ୫ ଅଗଷ୍ଟ, ୧୯୭୬ – ଯେଉଁ ଦିନକି ଆମର ପ୍ରିୟ ନେତା ଅଚାନକ ମାତ୍ର ଏଗାର ଘଣ୍ଟା ମଧ୍ୟରେ ଚାରିଥର ହୃଦ୍‌ଘାତରେ ଆକ୍ରାନ୍ତ ହୋଇ ତାଙ୍କର ଅସଂଖ୍ୟ ଅନୁଗାମୀ, ଦରଦୀ ଜନସାଧାରଣଙ୍କୁ ଦୁଃଖର ଅତଳ ସାଗରରେ ଭସାଇଦେଇ ଚାଲିଗଲେ । ତାଙ୍କ ନିଜର, ଡାକ୍ତରମାନଙ୍କର, ନେତୃବୃନ୍ଦଙ୍କର ଆପ୍ରାଣ ଚେଷ୍ଟାକୁ ଉପେକ୍ଷା କରି କାଳଜୟୀ ମୃତ୍ୟୁ ଆମର ପ୍ରିୟ ନେତାଙ୍କୁ ଆମ ପାଖରୁ ଛଡାଇ ନେଇଗଲା । ଏ ସମ୍ବାଦ ସେଦିନ ବିଦ୍ୟୁତ୍ ବେଗରେ ପ୍ରଚାର ହେବାକ୍ଷଣି ଆକୁମାରିକା ତାଙ୍କର ଅସଂଖ୍ୟ ଅନୁଗାମୀ, ଦରଦୀ ଜନସାଧାରଣ ସମସ୍ତ ପ୍ରତିବନ୍ଧକକୁ ତୁଚ୍ଛ ମନେ କରି ଛୁଟି ଆସିଥିଲେ ପ୍ରିୟ ନେତାଙ୍କୁ ଶେଷ ଥର ଶ୍ରଦ୍ଧାର୍ଘ୍ୟ ଦେବାପାଇଁ । ଏହି ଜନସ୍ରୋତ ୫ ତାରିଖ ରାତିରୁ ୬ ତାରିଖ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ମହାନ୍ ନେତାଙ୍କ ମରଦେହକୁ ନେଇ କଲିକତା ମହାନଗରୀର ବୁକୁରେ ବିଶାଳ ଶୋକ ଯାତ୍ରାର ରୂପ ପରିଗ୍ରହ କରିଥିଲା, ତାହା ବାସ୍ତବିକ ଅଭୂତପୂର୍ବ । ଯାହାକି ଏହି କ୍ଷୁଦ୍ର ପରିସର ମଧ୍ୟରେ ବର୍ଣ୍ଣନା କରିବା ସାଧ୍ୟାତୀତ ।

୬ ତାରିଖ ସକାଳେ ତାଙ୍କ ବିୟୋଗର ଖବର ପ୍ରଚାର ହେବା ସଙ୍ଗେ ସଙ୍ଗେ ଓଡ଼ିଶାର ବହୁ କାରଖାନାର ଶ୍ରମିକମାନେ କାମରେ ଯୋଗ ନ ଦେଇ ପୂରା କାରଖାନାକୁ ବନ୍ଦ ରଖି ବିଭିନ୍ନ ସ୍ଥାନରେ ଏକତ୍ରିତ ହୋଇ ଶ୍ରଦ୍ଧାର୍ଘ୍ୟ ଜଣାଇଥିଲେ ।

ଦଳର ପ୍ରିୟ ନେତା କମ୍ରେଡ ଶିବଦାସ ଘୋଷଙ୍କ ଆକସ୍ମିକ ମୃତ୍ୟୁର ଅତ୍ୟନ୍ତ ଶୋକାକୁଳ ମୁହୂର୍ତ୍ତରେ ବି ମହାନ୍ ନେତାଙ୍କ ନିର୍ଦ୍ଦେଶିତ ପଥରେ କେନ୍ଦ୍ରୀୟ କମିଟି ହୃଦୟର ଗଭୀର ବେଦନାକୁ ସୁଦୃଢ଼ ସଂକଳ୍ପ, ସାହସ ଏବଂ ବିପ୍ଳବୀ ଉଦ୍ଦେଶ୍ୟମୁଖୀତାରେ ପରିଣତ

କରି ଏବଂ 'ଏକ ମଣିଷ'(one man) ଭାବେ ଠିଆ ହେବାପାଇଁ ଦଳର ନେତା, କର୍ମୀ, ସଙ୍ଗଠକ, ଦରଦୀମାନଙ୍କୁ ଆହ୍ୱାନ ଦେଇଥିଲା । ସେହି 'ଲୌହ ଦୃଢ଼ ଐକ୍ୟ'ର ପରିପ୍ରକାଶ ଘଟିଥିଲା ଶୋକପକ୍ଷ ପାଳନ ଅବସରରେ । ବହୁ ପ୍ରତିବନ୍ଧକ ସତ୍ତ୍ୱେ କଲିକତାର ଏହି ଶୋକଯାତ୍ରାରେ ଯୋଗ ଦେବାପାଇଁ ପଶ୍ଚିମବଙ୍ଗ ଛଡ଼ା ସୁଦୂର କେରଳ, ଆନ୍ଧ୍ର, ଉତ୍ତରପ୍ରଦେଶ, ଦିଲ୍ଲୀ, ହରିଆଣା, ବିହାର, ଆସାମ, ମେଘାଳୟ, ମଧ୍ୟପ୍ରଦେଶ, ଓଡ଼ିଶାରୁ ଛୁଟି ଯାଇଥିଲେ ଅସଂଖ୍ୟ ଦଳର କର୍ମୀ, ସମର୍ଥକ ଓ ଜନସାଧାରଣ ଏବଂ ଅବିରାମ ବର୍ଷା ଭିତରେ ବି ସେମାନେ ଯେଉଁ ଶୃଙ୍ଖଳାବୋଧର ପରିଚୟ ଦେଇଥିଲେ, ତାହା କେବଳ ବିସ୍ମୟକର ନୁହେଁ, ଏହାର ଦୃଷ୍ଟାନ୍ତ ମଧ୍ୟ ବିରଳ ।

ଭାରତର ଖଟିଖିଆ ଜନସାଧାରଣଙ୍କ ଅନ୍ତରତମ ପ୍ରଦେଶରେ ସେ କେତେ ଦୂର ପ୍ରବେଶ କରିଥିଲେ ତାହା ବୁଝାପଡ଼ିଛି ତାଙ୍କ ମୃତ୍ୟୁ ପରେ । ସାଧାରଣ ଜନଗଣଙ୍କର ତାଙ୍କ ପ୍ରତି ଯେଉଁ ଶ୍ରଦ୍ଧା ଥିଲା ତାହା କଳ୍ପନାତୀତ । କେନ୍ଦ୍ରୀୟ ସ୍ମରଣ ସଭା ପରେ ବିଭିନ୍ନ ରାଜ୍ୟରେ ରାଜ୍ୟସ୍ତରୀୟ ସଭାମାନ ମଧ୍ୟ ଅନୁଷ୍ଠିତ ହୋଇଥିଲା । ବହୁ ଦୂର ଦୂରାନ୍ତରୁ ଆସି ଜନସାଧାରଣ ସମବେତ ହୋଇଥିଲେ ଏହି ସ୍ମରଣସଭାମାନଙ୍କରେ ।

ଭାରତବର୍ଷରେ ଏକମାତ୍ର ବିପ୍ଳବୀ ଦଳ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) କୁ ଗଢ଼ି ତୋଳିବା ପାଇଁ କମ୍ରେଡ ଘୋଷ ଆପ୍ରାଣ ଚେଷ୍ଟା କରି ଭାରତର କୋଣେ ଅନୁକୋଣେ ବୁଲିଥିଲେ । ସେ ଓଡ଼ିଶାର ପୁରପଲ୍ଲୀରେ ମଧ୍ୟ ବର୍ଷ ବର୍ଷ ଧରି ଏହି ବିପ୍ଳବୀ ଦଳଟିକୁ ଗଢ଼ିତୋଳିବା ପାଇଁ ଅକ୍ଳାନ୍ତ ଚେଷ୍ଟା କରିଛନ୍ତି । ଆସିଛନ୍ତି ୧୯୪୮ ରେ ବାମଡ଼ା ଷ୍ଟେଟ୍‌କୁ ପ୍ରଜା ଆନ୍ଦୋଳନ କରିବା ପାଇଁ ଆଉ ସରକାର ଦ୍ୱାରା ବହିଷ୍କୃତ ହୋଇଛନ୍ତି ୩ ବର୍ଷ ପାଇଁ । ତା'ପରେ ସେ ଯାଇଛନ୍ତି ସୁକିନ୍ଦାର ଘନ ଜଙ୍ଗଲର ଆଦିବାସୀ, ଚାଷୀ ମୂଲିଆଙ୍କ ପାଖକୁ । ପୁଣି ଯାଇଛନ୍ତି, ଭଣ୍ଡାରୀପୋଖରୀ, ଆଖୁଆପଦା, ଯାଜପୁର, ଯାଜପୁର ରୋଡ୍, ଧାନମଣ୍ଡଳ, କଟକ ପ୍ରଭୃତି ସ୍ଥାନରେ ସାଧାରଣ ଜନଗଣଙ୍କ ପାଖକୁ । କେବେ ସେହି ଚାଷୀ ମୂଲିଆଙ୍କ ସହିତ ଶାଗ ପଖାଳ ଖାଇଛନ୍ତି ତ କେବେ ଖାଇବାକୁ ପାଇନାହାନ୍ତି । ମାଇଲ ମାଇଲ ଧରି ଗାଁ କୁ ଗାଁ ଚାଲି ବୁଲିଛନ୍ତି । ଆଲୋଚନା କରିଛନ୍ତି, ମିଟିଂ କରିଛନ୍ତି, ଶିକ୍ଷାଶିବିରମାନ କରିଛନ୍ତି । କଟକର କୁଡ଼ିଆ ଘରେ ରହି ମାଟି ଉପରେ ଶୋଇ ଅକ୍ଳାନ୍ତ ଚେଷ୍ଟା ସେ କରିଛନ୍ତି, ବୁଦ୍ଧିଜୀବୀ ଛାତ୍ର ଯୁବକଙ୍କୁ ଅନୁପ୍ରାଣିତ କରିବାପାଇଁ ଟାଉନ୍‌ହଲ୍, ଶ୍ରୀରାମଚନ୍ଦ୍ର ଭବନରେ ବହୁ ମିଟିଂ କରିଛନ୍ତି । ଯାଇଛନ୍ତି ସେ ରାଉରକେଲା ଅଞ୍ଚଳର ଶ୍ରମିକମାନଙ୍କ ମଧ୍ୟକୁ । ଏହା କ'ଣ ଓଡ଼ିଶାର ସାଧାରଣ ମଣିଷ ଭୁଲିପାରିବେ ? ତେଣୁ ସେମାନେ ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ହଜାର ହଜାର ସଂଖ୍ୟାରେ ତାଙ୍କର ଉଦ୍ଦାମ ଆହ୍ୱାନ ଶୁଣିବା ପାଇଁ ୨୪ ଏପ୍ରିଲ କଲିକତାର ଶହୀଦ ମିନାର ମଇଦାନରେ ପାର୍ଟି ପ୍ରତିଷ୍ଠା ଦିବସ ଉପଲକ୍ଷେ

କେନ୍ଦ୍ରୀୟ ସଭାରେ ଯୋଗ ଦେଇଛନ୍ତି । ଯୋଗ ଦେଇଛନ୍ତି ଓଡ଼ିଶାର ବହୁ ବୁଦ୍ଧିଜୀବୀ, ଛାତ୍ର, ଯୁବକ କଟକରେ ୧୨ ଜାନୁୟାରୀ ୧୯୭୪ ଗୋପବନ୍ଧୁ ବାଗରେ ଅନୁଷ୍ଠିତ ଐତିହାସିକ ସାରା ଭାରତ ଛାତ୍ର ସମ୍ମିଳନୀ ପ୍ରକାଶ୍ୟ ଅଧିବେଶନରେ ଏବଂ ଶୁଣିଛନ୍ତି ତାଙ୍କ ବଜ୍ରକଣ୍ଠର ଆହ୍ୱାନ । ପୁଣି ରାଉରକେଲାରେ ଅସଂଖ୍ୟ ଶ୍ରମିକ, ବୁଦ୍ଧିଜୀବୀ, ଛାତ୍ର, ଯୁବକ ୩୦ ମାର୍ଚ୍ଚ ୧୯୭୫ ଐତିହାସିକ ସମାବେଶରେ କମ୍ରେଡ଼ ଘୋଷଙ୍କ ଉଦ୍ଦାମ ଆହ୍ୱାନ ଶୁଣିବା ପାଇଁ । ଖାଲି ସେତିକି ନୁହେଁ, ତାଙ୍କର ପୁସ୍ତକ ଆଦି ଆଗ୍ରହ ସହକାରେ କିଣି ପଢ଼ିଛନ୍ତି । ସମବେତ ହୋଇଛନ୍ତି ଆମ୍‌ବାଗାନରେ ଅନୁଷ୍ଠିତ ଜନସଭାରେ । ତେଣୁ ମହାନନେତା ଓଡ଼ିଶାର ଜନସାଧାରଣଙ୍କର ଅନ୍ତଃସ୍ଥଳରେ କେତେ ଗଭୀର ସ୍ଥାନ ଅଧିକାର କରିଥିଲେ, ତାହା ଏହି ସ୍ୱଳ୍ପ ପରିସର ମଧ୍ୟରେ ବର୍ଣ୍ଣନା କରିବା ସାଧ୍ୟାତୀତ ।

୭ ସେପ୍ଟେମ୍ବର କଟକର ବକ୍ସିବଜାର ମାର୍କେଟ ପଡ଼ିଆରେ ଓ ୧୪ ସେପ୍ଟେମ୍ବର ରାଉରକେଲାର ଆମ୍‌ବାଗାନ ମଇଦାନରେ ଆୟୋଜିତ ହୋଇଥିଲା କମ୍ରେଡ ଶିବଦାସ ଘୋଷଙ୍କ ସ୍ମରଣ ସଭା ।

ଓଡ଼ିଶାର ଜନସାଧାରଣ ତାଙ୍କୁ କେବେ ଭୁଲି ପାରିବେ ନାହିଁ । ଆଜି ଆମେ ତାଙ୍କଠାରେ କେତେଯେ ଋଣୀ ତାହା କହିହେବ ନାହିଁ । କମ୍ରେଡ ଘୋଷ ଓଡ଼ିଶାର ମାଟିକୁ ଜାଣି, ଚିହ୍ନି, ଲୋକଙ୍କୁ ବୁଝି ବିପ୍ଳବୀ ଆନ୍ଦୋଳନ ପରିଚାଳନା କରିବାକୁ ଆମକୁ ଅନୁପ୍ରେରଣା ଦେଇଛନ୍ତି । ଯାହାଫଳରେ ଆଜି ଦଳେ ଦଳେ ଛାତ୍ର, ଯୁବକ ଘରଦ୍ୱାର, ବାପା, ମା', ସ୍କୁଲ କଲେଜ, ସୁଖ ସ୍ୱାଚ୍ଛନ୍ଦ୍ୟ ଛାଡ଼ି କମ୍ରେଡ ଘୋଷଙ୍କ ଦ୍ୱାରା ସୃଷ୍ଟ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ର ଆଦର୍ଶକୁ ଜନସାଧାରଣଙ୍କ ପାଖକୁ ନେଇଯିବା ପାଇଁ ଚେଷ୍ଟା କରୁଛନ୍ତି । କମ୍ରେଡ ଘୋଷ ପୁଣି ଆମକୁ ଫକୀରମୋହନ, ଗୋପବନ୍ଧୁ, ମଧୁବାବୁ, ବାଞ୍ଛାନିଧି ଆଦିଙ୍କ ମୂଲ୍ୟାୟନ କରିବା ପାଇଁ ପ୍ରେରଣା ଦେଇଛନ୍ତି । ତେଣୁ ମହାନ୍ ନେତା କମ୍ରେଡ ଶିବଦାସ ଘୋଷ ଓଡ଼ିଶାର ରାଜନୀତି, ସାମାଜିକ, ସାଂସ୍କୃତିକ ଜୀବନରେ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ତାଙ୍କର ଏପରି ବହୁ ଅନନ୍ୟ ଅବଦାନ ରହିଛି । ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ କମିଟି ଯଥାର୍ଥଭାବେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରି କହିଛି 'ଏ ରାଜ୍ୟର ବହୁ ଐତିହାସିକ ବିପ୍ଳବୀ ଆନ୍ଦୋଳନରେ ତାଙ୍କର ମୂଲ୍ୟବାନ ଶିକ୍ଷାକୁ ରାଜ୍ୟବାସୀ କେବେ ହେଁ ଭୁଲିପାରିବେ ନାହିଁ ।'

ମହାନ୍‌ନେତାଙ୍କ ଅକାଳ ବିୟୋଗରେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର ବଙ୍ଗଳା ମୁଖପତ୍ର 'ଗଣଦାବୀ'ରେ ୧୯ ଅଗଷ୍ଟ ୧୯୭୭ ସ୍ମରଣ ସଂଖ୍ୟା ପ୍ରକାଶ ପାଇଥିଲା । ଏହି ସଂଖ୍ୟାରେ ଅଗଣିତ ଜନସାଧାରଣଙ୍କ ଅନୁରୋଧରେ ମହାନ୍‌ନେତା

କମ୍ରେଡ ଶିବଦାସ ଘୋଷଙ୍କ ବିଶାଳ, ଗୌରବୋଜ୍ଜ୍ୱଳ ଏବଂ ସଂଗ୍ରାମଲବ୍ଧ ବିପ୍ଳବୀ ଜୀବନର ସାମାନ୍ୟ କେତୋଟି ଦିଗକୁ ଅତ୍ୟନ୍ତ ସଂକ୍ଷିପ୍ତ ଆକାରରେ ଫୁଟାଇବାକୁ ଚେଷ୍ଟା କରାଯାଇଥିଲା, ଯାହାକୁ କେବେହେଲେ ଜୀବନୀ ବୋଲି କୁହାଯାଇ ପାରିବ ନାହିଁ । ଏହି ମହାନ୍ ବିପ୍ଳବୀ ଜୀବନର ପୂର୍ଣ୍ଣାଙ୍ଗ ଇତିହାସ ହେଉଛି ଭାରତର ପ୍ରକୃତ ମାର୍କ୍ସବାଦୀ-ଲେନିନବାଦୀ ଆନ୍ଦୋଳନ ତଥା ଏ ଦେଶର ପ୍ରକୃତ ସର୍ବହରା ଶ୍ରେଣୀର ଦଳ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର ଗଠନ ଓ ବିକାଶର ଇତିହାସ, ଯାହାକି ଏତେ ଅଳ୍ପ ପରିସର ମଧ୍ୟରେ ଆଲୋଚନା କରିବା ଆଦୌ ସମ୍ଭବ ନୁହେଁ । ଓଡ଼ିଶାର ଜନସାଧାରଣଙ୍କ ପକ୍ଷରେ ମହାନ୍‌ନେତା କମ୍ରେଡ ଶିବଦାସ ଘୋଷଙ୍କ ବିପ୍ଳବୀ ଜୀବନୀ ଓ ଆଦର୍ଶ ସମ୍ପର୍କରେ ଏକ ଧାରଣା ଗଢିତୋଳିବାରେ ଏହା ସହାୟକ ହେବ ବୋଲି ମନେକରି 'ସର୍ବହରାର ମହାନ୍ ନେତା କମ୍ରେଡ ଶିବଦାସ ଘୋଷ' ନାମକ ବଙ୍ଗଳା ପୁସ୍ତିକାରୁ ଓଡ଼ିଆରେ ଅନୁବାଦ କରି ଏହା ପ୍ରକାଶିତ ହୋଇଛି ଏବଂ ଏହା ସଙ୍ଗେ ସଙ୍ଗେ କେନ୍ଦ୍ରୀୟ କମିଟି ମହାନ୍‌ନେତାଙ୍କ ମୃତ୍ୟୁର ଅବ୍ୟବହିତ ପରେ ଶ୍ରଦ୍ଧାର୍ଘ୍ୟ ଜଣାଇ ଯେଉଁ ପ୍ରସ୍ତାବ ନେଇଥିଲା ତାହା ମଧ୍ୟ ଏଠାରେ ସନ୍ନିବେଶିତ ହୋଇଛି ।

ଏହି ପୁସ୍ତିକାଟିର ପ୍ରଥମ ଓ ଦ୍ୱିତୀୟ ମୁଦ୍ରଣ ବହୁ ଦିନ ହେଲା ନିଃଶେଷିତ ହୋଇଯାଇଛି । ଇତିମଧ୍ୟରେ ଦଳର ବ୍ୟାପ୍ତି ଘଟିଛି ଓ ଜନସାଧାରଣଙ୍କ ମଧ୍ୟରେ ମହାନ୍‌ନେତା କମ୍ରେଡ ଶିବଦାସ ଘୋଷଙ୍କ ଚିନ୍ତା ଓ ଆଦର୍ଶ ପ୍ରତି ପ୍ରବଳ ଆକର୍ଷଣ ସୃଷ୍ଟି ହୋଇଛି । ଏହି ବ୍ୟାପକ ଚାହିଦାକୁ ପୂରଣ କରିବା ପାଇଁ ଆମେ ଏହାର ତୃତୀୟ ସଂସ୍କରଣ ପ୍ରକାଶ କରୁଛୁ । ଏହା ସହିତ କମ୍ରେଡ ଘୋଷଙ୍କ ଜୀବନ ସଂଗ୍ରାମର କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ସମ୍ପର୍କରେ ଦଳର ସାଧାରଣ ସମ୍ପାଦକ କମ୍ରେଡ ନୀହାର ମୁଖାର୍ଜୀ ୨୪ ଏପ୍ରିଲ୍ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ପ୍ରତିଷ୍ଠା ଦିବସ ଉପଲକ୍ଷେ ଦେଇଥିବା ଭାଷଣଟିକୁ ମଧ୍ୟ ଏଠାରେ ସନ୍ନିବେଶିତ କରୁଛୁ । ଆଶା କରୁଛୁ ଏ ଦେଶର ମୁକ୍ତି ଆନ୍ଦୋଳନକୁ ତ୍ୱରାନ୍ୱିତ କରିବା ଓ ଉନ୍ନତ ବିପ୍ଳବୀ ଚରିତ୍ର ଗଢ଼ିତୋଳିବା ପାଇଁ ଏହି ପୁସ୍ତିକାଟି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରିବ ।


ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)
ଓଡ଼ିଶା ରାଜ୍ୟ କମିଟି,
୬୧, ଗଙ୍ଗୋତ୍ରୀନଗର
ରୋଡ଼ ନଂ-୩, ଶିଶୁପାଳଗଡ
ଭୁବନେଶ୍ୱର-୧୫-୦୭-୨୦୧୨

ଧୂର୍ଜଟୀ ଦାସ
ପ୍ରକାଶକ

# କେନ୍ଦ୍ରୀୟ କମିଟିର ଶ୍ରଦ୍ଧାର୍ଘ୍ୟ

*[ଆମ ଦଳ ଭାରତର ସୋସାଲିଷ୍ଟ ୟୁନିଟି ସେଣ୍ଟର(କମ୍ୟୁନିଷ୍ଟ)ର ପ୍ରିୟ ନେତା, ଶିକ୍ଷକ, ପଥପ୍ରଦର୍ଶକ ଓ ସାଧାରଣ ସମ୍ପାଦକ କମ୍ରେଡ ଶିବଦାସ ଘୋଷ ଗତ ଅଗଷ୍ଟ ୫ (୧୯୭୬) ଗୁରୁବାର ସଂଧ୍ୟା ସାଢ଼େ ସାତଟା ସମୟରେ କଲିକତାସ୍ଥ ଆମ ପାର୍ଟିର କେନ୍ଦ୍ର କମ୍ୟୁନ୍‌ରେ ମାରାତ୍ମକ ହୃଦ୍‌ରୋଗ (ମାୟୋକାର୍ଡ଼ିଆଲ ଇନ୍‌ଫେକସନ) ରେ ଆକ୍ରାନ୍ତ ହୋଇ ମାତ୍ର ୫୫ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି ।*

*ଏହି ଆକସ୍ମିକ ଅକାଳ ମୃତ୍ୟୁର ଅବ୍ୟବହିତ ପରେ ଦଳର କେନ୍ଦ୍ରୀୟ କମିଟି ମହାନ୍ ନେତାଙ୍କ ପ୍ରତି ଶ୍ରଦ୍ଧାର୍ଘ୍ୟ ଜଣେଇ ନିମ୍ନଲିଖିତ ପ୍ରସ୍ତାବ ଗ୍ରହଣ କରିଛି ।]*

ଆମର ପ୍ରିୟ ନେତା, ଶିକ୍ଷକ, ପଥପ୍ରଦର୍ଶକ ଓ ଆମ ପାର୍ଟି ସୋସାଲିଷ୍ଟ ୟୁନିଟି ସେଣ୍ଟର(କମ୍ୟୁନିଷ୍ଟ)ର ସାଧାରଣ ସମ୍ପାଦକ କମ୍ରେଡ ଶିବଦାସ ଘୋଷଙ୍କ ଆକସ୍ମିକ ଓ ଅକାଳ ବିୟୋଗରେ କେନ୍ଦ୍ରୀୟ କମିଟି ଗଭୀରତମ ଶୋକ ପ୍ରକାଶ କରୁଛି । ବର୍ତ୍ତମାନ ଯୁଗର ଅଗ୍ରଣୀ ମାର୍କ୍ସବାଦୀ ଚିନ୍ତାନାୟକମାନଙ୍କ ମଧ୍ୟରେ କମ୍ରେଡ ଶିବଦାସ ଘୋଷ ଥିଲେ ଅନ୍ୟତମ । କେବଳ ସେତିକି ନୁହେଁ, ସେ ଭାରତବର୍ଷର ମାଟିରେ ମାର୍କ୍ସବାଦ-ଲେନିନ୍‌ବାଦକୁ ବିଶେଷୀକୃତ କରି ଲେନିନ୍‌ଙ୍କ ଦ୍ୱାରା ନିର୍ଦ୍ଧାରିତ ସାମ୍ରାଜ୍ୟବାଦ ଓ ସର୍ବହରା ବିପ୍ଳବ ଯୁଗର ବର୍ତ୍ତମାନ ସ୍ତରରେ ମାର୍କ୍ସବାଦ-ଲେନିନ୍‌ବାଦର ବହୁ ଦିଗକୁ ବିକଶିତ, ସଂପ୍ରସାରିତ ଓ ସମୃଦ୍ଧ କରିଥିଲେ ଏବଂ ବହୁ ବିଷୟକୁ ଏକ ନୂତନ ଓ ଉନ୍ନତ ସ୍ତରକୁ ଉନ୍ନୀତ କରିଥିଲେ । କେବଳ ରାଜନୈତିକ, ସାମାଜିକ, ଅର୍ଥନୈତିକ କ୍ଷେତ୍ରରେ ହିଁ ନୁହେଁ ଏପରିକି ବିଜ୍ଞାନ-ଦର୍ଶନ, ନୀତି-ନୈତିକତାବୋଧ, କଳା-ସାହିତ୍ୟ, ସଂସ୍କୃତି ଓ ସୌନ୍ଦର୍ଯ୍ୟବୋଧ ଆଦି ଜ୍ଞାନଜଗତ ଓ ଜୀବନର ସର୍ବ ଦିଗକୁ ବ୍ୟାପ୍ତ କରି ସମସ୍ତ ବିଷୟରେ, ଲେନିନ୍ ପରବର୍ତ୍ତୀ ଯୁଗରେ ଯେଉଁ ସବୁ ସମସ୍ୟା ଦେଖା ଦେଇଛି, ସେଗୁଡ଼ିକର ବ୍ୟାଖ୍ୟା ଓ ସମାଧାନ କରିବା ମଧ୍ୟଦେଇ ସେ ମାର୍କ୍ସବାଦ-ଲେନିନ୍‌ବାଦର ଏକ ନୂତନ ଓ ସୁନିର୍ଦ୍ଦିଷ୍ଟ ବିଶେଷ ଉପଲବ୍ଧି ଗଢ଼ି ତୋଳିଛନ୍ତି । ତେଣୁ ଆମ ସମସ୍ତଙ୍କର କର୍ତ୍ତବ୍ୟ ହେଲା କମ୍ରେଡ ଶିବଦାସ ଘୋଷଙ୍କ ଚିନ୍ତାଧାରାକୁ

ଗଭୀରଭାବେ ଅନୁଶୀଳନ କରିବା ଯାହା ବିନା ବର୍ତ୍ତମାନ ଯୁଗର ଏହି ସ୍ତରରେ ମାର୍କ୍ସବାଦ-ଲେନିନ୍‌ବାଦ ସମ୍ପର୍କିତ ଯଥାର୍ଥ ଧାରଣା ପୂର୍ଣ୍ଣାଙ୍ଗ ହୋଇ ପାରେ ନା ।

ଗୋଟିଏ ସଠିକ ସର୍ବହରା ବିପ୍ଳବୀ ଦଳର ଅନୁପସ୍ଥିତି ଜନିତ ପରିସ୍ଥିତିରେ ସେ ଭାରତବର୍ଷରେ ବିପ୍ଳବର ପ୍ରୟୋଜନୀୟତାକୁ ଯଥାର୍ଥଭାବେ ଉପଲବ୍ଧି କରି ଏ ଦେଶରେ ଗୋଟିଏ ସଠିକ ସାମ୍ୟବାଦୀ ଦଳ ଗଢ଼ି ତୋଳିବାର ଐତିହାସିକ ଗୁରୁଦାୟିତ୍ୱ ନିଜ କାନ୍ଧରେ ବହନ କରିଥିଲେ ଯାହା ସହିତ ଅଙ୍ଗାଙ୍ଗୀଭାବେ ଜଡ଼ିତ ରହିଛି ସମସ୍ତ ପ୍ରକାର ଶୋଷଣ ନିପୀଡ଼ନ ହାତରୁ ଜନସାଧାରଣଙ୍କର ମୁକ୍ତିର ପ୍ରଶ୍ନ । ଏଇ ଦଳ ଗଢ଼ିବାର ପ୍ରକ୍ରିୟା ମଧ୍ୟଦେଇ ହିଁ କୋଟି କୋଟି ଶୋଷିତ ଜନଗଣଙ୍କ ମହାନ୍ ନେତା ରୂପେ କମ୍ରେଡ ଶିବଦାସ ଘୋଷଙ୍କର ଐତିହାସିକ ଅଭ୍ୟୁତ୍‌ଥାନ ଘଟିଥିଲା । ଆମ ଦେଶରେ ଗୋଟିଏ ପ୍ରକୃତ ସର୍ବହରାଶ୍ରେଣୀର ବିପ୍ଳବୀ ଦଳ ଗଠନ କରିବାର ଏଇ ସଂଗ୍ରାମ ମଧ୍ୟ ଦେଇ କମ୍ରେଡ ଶିବଦାସ ଘୋଷ ମାର୍କ୍ସବାଦୀ ଦଳ ଗଠନ କ୍ଷେତ୍ରରେ ଲେନିନୀୟ ତତ୍ତ୍ୱଟିକୁ ଆହୁରି ସମୃଦ୍ଧଶାଳୀ ଏବଂ ଏକ ନୂତନ ଓ ଉନ୍ନତତର ସୋପାନକୁ ଉନ୍ନୀତ କରାଇ ଦର୍ଶାଇଥିଲେ ଯେ ଜୀବନର ସମସ୍ତ ଦିଗକୁ ବ୍ୟାପ୍ତ କରି ତୀବ୍ର ଆଦର୍ଶଗତ ସଂଗ୍ରାମ ମଧ୍ୟଦେଇ ଆଦର୍ଶଗତ କେନ୍ଦ୍ରୀକରଣ ଗଢ଼ିଉଠିଲେ ହିଁ ସାଙ୍ଗଠନିକ କେନ୍ଦ୍ରୀକରଣ ଗଢ଼ି ଉଠିବା ସମ୍ଭବ ହୁଏ ଏବଂ କେବଳ ଏହି ପର୍ଯ୍ୟାୟରେ ପାର୍ଟି ଗୋଟିଏ ଜୀବନ୍ତ ସାମଗ୍ରିକ ରୂପ (organic whole) ପରିଗ୍ରହ କରେ । ତାଙ୍କ ମଧ୍ୟରେ ଦଳର ଯୌଥ ନେତୃତ୍ୱ ବ୍ୟକ୍ତିକୃତ ଓ ବିଶେଷୀକୃତ ରୂପଟି ମୂର୍ତ୍ତ ହୋଇ ଉଠିଥିଲା ।

ଆନ୍ତର୍ଜାତିକ ସାମ୍ୟବାଦୀ ଆନ୍ଦୋଳନର ଆଦର୍ଶଗତ କ୍ଷେତ୍ରରେ କମ୍ରେଡ ଘୋଷଙ୍କର ଅସାମାନ୍ୟ ଅବଦାନ ତାଙ୍କୁ ଅଦ୍ୱିତୀୟ ପ୍ରତିଭାସଂପନ୍ନ କମ୍ୟୁନିଷ୍ଟ ନେତାରୂପେ ସ୍ୱତନ୍ତ୍ର ମର୍ଯ୍ୟାଦାରେ ପ୍ରତିଷ୍ଠିତ କରିଛି । ଆନ୍ତର୍ଜାତିକ କମ୍ୟୁନିଷ୍ଟ ଆନ୍ଦୋଳନ କ୍ଷେତ୍ରରେ ଆଧୁନିକ ସଂଶୋଧନବାଦ-ସଂସ୍କାରବାଦ ହିଁ ଯେ ପ୍ରଧାନ ବିପଦ ଏହା ସେ ପ୍ରଥମଥର ପାଇଁ ଦର୍ଶାଇ ତା ବିରୁଦ୍ଧରେ ସଂଗ୍ରାମ କରିବାର ସଠିକ ପନ୍ଥା ମଧ୍ୟ ଦେଖାଇଥିଲେ । ବୁର୍ଜୁଆ ଦର୍ଶନର ବିଭିନ୍ନ ଧାରା ଏବଂ ବିଶେଷ କରି ଏହାର ଆଧୁନିକତମ ରୂପଗୁଡ଼ିକ ଯେଉଁ ମୋହଜାଲଗୁଡ଼ିକ ସୃଷ୍ଟି କରିଚାଲିଛି, ତା' ବିରୁଦ୍ଧରେ ଆଦର୍ଶଗତ ସଂଗ୍ରାମ କରିବା ଦିଗରେ ତାଙ୍କର ଯୁଗାନ୍ତକାରୀ ଅବଦାନ କେବଳ ଆମ ଦେଶର ବିପ୍ଳବୀ ଆନ୍ଦୋଳନକୁ ନୁହେଁ ଏପରିକି ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନକୁ ମଧ୍ୟ ପଥ ପ୍ରଦର୍ଶନ କରିବ ।

ଆମ ଦେଶରେ ଶ୍ରମିକ ଆନ୍ଦୋଳନ ଭିତରେ ଅନୁପ୍ରବେଶ କରିଥିବା ଅର୍ଥନୀତିବାଦ, ସୁବିଧାବାଦ, ସୋସିଆଲ ଡ଼େମୋକ୍ରାଟିଜିମ୍ (Social democratism) ର ବିଭିନ୍ନ ଧାରା ବିରୁଦ୍ଧରେ ତାଙ୍କର ନିରବଚ୍ଛିନ୍ନ ସଂଗ୍ରାମ ମଧ୍ୟଦେଇ ଶ୍ରମିକ ଆନ୍ଦୋଳନକୁ ସେ ଏକ ନୂତନ ଏବଂ ସଠିକ ପଥରେ ପ୍ରବାହିତ କରିଥିଲେ । ଅଗଣିତ ଶୋଷିତ ଜନସାଧାରଣଙ୍କ ସାମ୍ନାରେ ସେ ଏହି ଶିକ୍ଷା ତୋଳି ଧରିଥିଲେ ଯେ, ସର୍ବହରାବର୍ଗର ସଠିକ୍ ମୂଳ ରାଜନୈତିକ ଲାଇନ୍ ପ୍ରତି ସର୍ବଦା ଅବିଚଳିତ ରହି ଜନସାଧାରଣଙ୍କର ନିଜସ୍ୱ ରାଜନୈତିକ ଶକ୍ତି ଜନ୍ମ ଦେଇ ନ ପାରିଲେ ଶୋଷିତ ମଣିଷର ବାଞ୍ଛିତ ମୁକ୍ତି ଅର୍ଜନ କରିବା କଦାପି ସମ୍ଭବ ନୁହେଁ ।

କମ୍ୟୁନିଷ୍ଟ ମତାଦର୍ଶର ମହତ୍ତ୍ୱକୁ ସେ ନିରବଚ୍ଛିନ୍ନଭାବରେ ଉର୍ଦ୍ଧ୍ୱକୁ ତୋଳି ଧରିଥିଲେ ଏବଂ ଦେଖାଇଥିଲେ, 'ଯେକୌଣସି ମହାନ୍ ଆଦର୍ଶର ମର୍ମବସ୍ତୁ, ତା'ର ଉନ୍ନତ ନୀତି ନୈତିକତା ଓ ରୁଚି-ସଂସ୍କୃତିଗତ ମାନ ଭିତରେ ନିହିତଥାଏ' । କମ୍ୟୁନିଷ୍ଟ ନୀତି-ନୈତିକତା ଉପରେ ଭିତ୍ତି କରି ସର୍ବହରା ଶ୍ରେଣୀର ବୈପ୍ଲବିକ ରାଜନୀତିର ଚର୍ଚ୍ଚା ତଥା ବିକାଶର ସଂଗ୍ରାମକୁ ଗଢ଼ିତୋଳିବା ପାଇଁ ମଧ୍ୟ ସେ ଆମକୁ ଶିକ୍ଷା ଦେଇଥିଲେ । କୌଣସି ବିପଦରେ ଆତଙ୍କିତ ନ ହୋଇ ବରଂ ସମସ୍ତ ବିରୁଦ୍ଧ ପରିସ୍ଥିତି ଓ ଶକ୍ତିକୁ ବିପ୍ଳବୀ ତେଜ ଓ ଦୃଢ଼ତାର ସହିତ ସମ୍ମୁଖୀନ ହେବା ଏବଂ ଯେକୌଣସି ପ୍ରତିକୂଳ ଅବସ୍ଥାକୁ ଅନୁକୂଳ ଅବସ୍ଥାରେ ରୂପାନ୍ତରିତ କରିବା ଶିକ୍ଷା ମଧ୍ୟ ସେ ଆମକୁ ଦେଇ ଯାଇଛନ୍ତି ।

କେନ୍ଦ୍ରୀୟ କମିଟି ଦୃଢ଼ ଭାବେ ବିଶ୍ୱାସ କରେ ଯେ ଆଗାମୀ ବହୁ ଯୁଗ ପର୍ଯ୍ୟନ୍ତ ସର୍ବହରାର ମୁକ୍ତି ସଂଗ୍ରାମ ପାଇଁ ପ୍ରତ୍ୟେକ ଜାତୀୟ ଓ ଆନ୍ତର୍ଜାତୀୟ ପ୍ରଶ୍ନ ଉପରେ ତାଙ୍କର ସଠିକ୍ ବୈଜ୍ଞାନିକ ବିଶ୍ଳେଷଣ ଅମୂଲ୍ୟ ପଥ ନିର୍ଦ୍ଦେଶକଭାବେ କାମ କରିବ । କେନ୍ଦ୍ରୀୟ କମିଟିର ସୁଦୃଢ଼ ଅଭିମତ ହେଲା, ଜ୍ଞାନ-ତତ୍ତ୍ୱର ବିଭିନ୍ନ କ୍ଷେତ୍ରରେ ତାଙ୍କର ବହୁ ଅବଦାନ, ମାର୍କ୍ସବାଦ-ଲେନିନ୍‌ବାଦର ଜ୍ଞାନଭଣ୍ଡାରରେ ନିଶ୍ଚିତ ରୂପେ ନୂତନ ସଂଯୋଜନ ।

କେନ୍ଦ୍ରୀୟ କମିଟି ଏ ବିଷୟରେ ସୁନିଶ୍ଚିତ ଯେ, ଆମର ପ୍ରିୟ ନେତା କମ୍ରେଡ ଶିବଦାସ ଘୋଷ ଶ୍ରେଣୀ, ପାର୍ଟି ଏବଂ ବିପ୍ଳବ ନିକଟରେ ନିଜର ସମସ୍ତ ସତ୍ତାକୁ ସଂପୂର୍ଣ୍ଣ ରୂପେ ବିଲୀନ (identification) କରି ଦେବାର ଅନନ୍ୟସାଧାରଣ ବିପ୍ଳବୀ

ଚରିତ୍ରର ମହାନ୍ ଦୃଷ୍ଟାନ୍ତକୁ ଅନୁସରଣ କରି ଦଳର ସମସ୍ତ ନେତା, କର୍ମୀ, ସମର୍ଥକ ତଥା ଦରଦୀ ବିପ୍ଳବୀ ସଂଗ୍ରାମରେ ନିଜକୁ ଉତ୍ସର୍ଗ କରି ମହାନ୍ ନେତା, ଶିକ୍ଷକ ଓ ପଥପ୍ରଦର୍ଶକ କମ୍ରେଡ ଶିବଦାସ ଘୋଷଙ୍କ ହାତ ତିଆରି ପାର୍ଟି ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ସହିତ ଉତ୍ତୋରୋତ୍ତର ନିଜକୁ ବିଲୀନ କରିବା ସଂଗ୍ରାମରେ ଆଗେଇ ଆସିବେ ।

ଏପରି ଏକ ଅପୂରଣୀୟ କ୍ଷତି ଘଟିଥିବା ବେଳେ ତାଙ୍କର ଶିକ୍ଷାରେ ଶିକ୍ଷିତ ହୋଇ ଆମେ ଆମର ହୃଦୟର ଗଭୀର ବେଦନାକୁ ସୁଦୃଢ଼ ସଂକଳ୍ପ, ସାହସ ଏବଂ ବିପ୍ଳବୀ ଉଦ୍ଦେଶ୍ୟମୁଖୀତାରେ ରୂପାନ୍ତରିତ କରିବାର ଶପଥ ଗ୍ରହଣ କରୁଛୁ । ଆମେ ଅଙ୍ଗୀକାର କରୁଛୁ ଯେ, ଏକ ମଣିଷ (one man) ଭାବେ ଠିଆ ହୋଇ ତାଙ୍କର ଅଭାବ ପୂରଣର କଠୋର ସଂଗ୍ରାମରେ ବ୍ରତୀ ହେବୁ । ତାଙ୍କର ଚିନ୍ତା ଓ ଶିକ୍ଷା ମାଧ୍ୟମରେ ସେ ଆମ ଭିତରେ ରହିଛନ୍ତି ଏବଂ ନିରନ୍ତର ରହିଥିବେ ।

ଯେଉଁ ଅପୂରିତ କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିବାର ନିର୍ଦ୍ଦେଶ ସେ ଦେଇ ଯାଇଛନ୍ତି । ସେଇ ମହାନ୍ ଦାୟିତ୍ୱ ପାଳନ ପାଇଁ ଯେଉଁ ଅଗଣିତ ବିପ୍ଳବୀମାନେ ଆଗେଇ ଆସିବେ ତାଙ୍କ ପାଖରେ କମ୍ରେଡ ଶିବଦାସ ଘୋଷଙ୍କ ଏହି ନାମ ଏବଂ ଶିକ୍ଷା ପ୍ରଜ୍ୱଳିତ ଆଲୋକବର୍ତ୍ତିକା ଓ ଜୀବନ୍ତ ପ୍ରେରଣାର ଉତ୍ସରୂପେ କାମ କରିବ । ଆସନ୍ତୁ, କମ୍ରେଡ, ଆମେ ତାଙ୍କ ଶିକ୍ଷାରେ ଶକ୍ଷିତ ଅସଂଖ୍ୟ ବିପ୍ଳବୀ କର୍ମୀ ଓ ଅନୁରାଗୀ ଆମର ପ୍ରତି ରକ୍ତବିନ୍ଦୁ ଦେଇ ବିପ୍ଳବ ଓ ସର୍ବହରା ଆନ୍ତର୍ଜାତିକତାବାଦର ମହାନ୍ ପତାକାକୁ ଉର୍ଦ୍ଧ୍ୱକୁ ତୋଳିଧରିବା । ପ୍ରୟାତ ମହାନ୍ ନେତା, ଆମର ଶିକ୍ଷକ ଓ ପଥପ୍ରଦର୍ଶକ କମ୍ରେଡ ଶିବଦାସ ଘୋଷଙ୍କ ସମ୍ମାନାର୍ଥେ କେନ୍ଦ୍ରୀୟ କମିଟି ଗଭୀରତମ ଶ୍ରଦ୍ଧାର ସହିତ ରକ୍ତ ପତାକାକୁ ଅର୍ଦ୍ଧନମିତ ରଖି ତାଙ୍କୁ ଲାଲସଲାମ ଜଣାଉଛି ।

କେନ୍ଦ୍ରୀୟ କମିଟି

୬ ଅଗଷ୍ଟ ୧୯୭୬

ଭାରତର ସୋସାଲିଷ୍ଟ ୟୁନିଟି ସେଣ୍ଟର(କମ୍ୟୁନିଷ୍ଟ)

୪୮, ଲେନିନ୍ ସରଣୀ, କଲିକତା-୧୩

# ସର୍ବହରାର ମହାନ୍ ନେତା
# କମ୍ରେଡ ଶିବଦାସ ଘୋଷ

ଅନ୍ୟତମ ଶ୍ରେଷ୍ଠ ମାର୍କ୍ସବାଦୀ ଚିନ୍ତାନାୟକ ଓ ଦାର୍ଶନିକ କମ୍ରେଡ ଶିବଦାସ ଘୋଷଙ୍କ ଜୀବନାବସାନ ଯୋଗୁଁ ବିଶ୍ୱ ସର୍ବହରାଶ୍ରେଣୀ, ଏ ଯୁଗରେ ତା'ର ଜଣେ ମହାନ୍ ନେତାଙ୍କୁ ହରାଇଲା । ସମସ୍ତ ପ୍ରକାର ବିଚ୍ୟୁତି ଓ ବିକୃତିରୁ ରକ୍ଷା କରି ତଥା ବୁର୍ଜୁଆ ଭାବାଦର୍ଶର ବିଭିନ୍ନ ଧାରାଗୁଡିକ ବିରୁଦ୍ଧରେ ନିରଳସ ସଂଗ୍ରାମ ପରିଚାଳନା କରି ସେ ମାର୍କ୍ସବାଦ ଲେନିନବାଦର ମହାନ୍ ପତାକାକୁ ଜୀବନର ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ ଉର୍ଦ୍ଧୋତ୍ତଳିତ କରି ରଖିଯାଇଛନ୍ତି ।

ଆନ୍ତର୍ଜାତୀୟ ଓ ଜାତୀୟ କ୍ଷେତ୍ରରେ ସର୍ବହରାଶ୍ରେଣୀର ମୁକ୍ତି ସଂଗ୍ରାମରେ ଏପରି କୌଣସି ସମସ୍ୟା ନଥିଲା, ଯାହାକି ତାଙ୍କର ପ୍ରଜ୍ଞାଦୀପ୍ତ ଜ୍ଞାନାଲୋକ ଦ୍ୱାରା ଉଦ୍‌ଭାସିତ ହୋଇ ଉଠିନାହିଁ । ବିଜ୍ଞାନ ଓ ଦର୍ଶନଠାରୁ ଆରମ୍ଭ କରି ଜୀବନର ସମସ୍ତ ଦିଗକୁ ପରିବ୍ୟାପ୍ତ କରି ଜ୍ଞାନ ଜଗତର ଏପରି କୌଣସି ଶାଖା ନାହିଁ, ଯେଉଁଥିରେ କି ତାଙ୍କର ସ୍ୱଚ୍ଛନ୍ଦ ବିଚରଣ ନଥିଲା । ଲେନିନୋତ୍ତର ଯୁଗରେ ନୂଆ ନୂଆ ସମସ୍ୟା ପରିପ୍ରେକ୍ଷୀରେ ମାର୍କ୍ସବାଦ-ଲେନିନ୍‌ବାଦର ଉପଲବ୍ଧିକୁ ସେ ଆହୁରି ଅଧିକ ବିକଶିତ, ସମୃଦ୍ଧ ଓ ସମ୍ପ୍ରସାରିତ କରିଛନ୍ତି, ମାର୍କ୍ସବାଦର ଜ୍ଞାନଭଣ୍ଡାରରେ ବହୁ ନୂତନ ସଂଯୋଜନ କରିଛନ୍ତି ତଥା ଏହାକୁ ଏକ ଉନ୍ନତ ପର୍ଯ୍ୟାୟକୁ ନେଇଯାଇଛନ୍ତି । ସେ ଥିଲେ, ବର୍ତ୍ତମାନ ଯୁଗରେ ବିଶ୍ୱ ସର୍ବହରା ବିପ୍ଳବର ମୂର୍ତ୍ତ ପ୍ରତୀକ ।

ମାର୍କ୍ସବାଦ-ଲେନିନ୍‌ବାଦକୁ ସଂପୂର୍ଣ୍ଣ ବିଜ୍ଞାନ ଓ ସାମଗ୍ରିକ ଜୀବନ ଦର୍ଶନ ରୂପେ ସେ ଗ୍ରହଣ କରିଥିଲେ ଓ ଜୀବନର ସବୁ କ୍ଷେତ୍ରରେ ଏହାକୁ ପଥପ୍ରଦର୍ଶକ (Guide to action) ରୂପେ ଆଜୀବନ ଅନୁଶୀଳନ କରି ଯାଇଛନ୍ତି । ଜୀବନର ସବୁ କ୍ଷେତ୍ରରେ ମାର୍କ୍ସବାଦ ଓ ଲେନିନ୍‌ବାଦକୁ ପ୍ରୟୋଗ କରିବାର ସଚେତନ ଓ ନିରବଚ୍ଛିନ୍ନ ସଂଗ୍ରାମଦ୍ୱାରା ସେ ଯେଉଁ ସୁବିଶାଳ ଜ୍ଞାନଭଣ୍ଡାରର ଅଧିକାରୀ ହୋଇ

ପାରିଥିଲେ ତଥା ବର୍ତ୍ତମାନ ଯୁଗର ପରିପ୍ରେକ୍ଷୀରେ ସର୍ବହରା ରୁଚି ଓ ସଂସ୍କୃତିର ଯେଉଁ ସର୍ବୋଚ୍ଚ ଶିଖର ଦେଶରେ ସେ ଅବତୀର୍ଣ୍ଣ ହୋଇ ପାରିଥିଲେ, ତାହା ଅପେକ୍ଷାକୃତ କ୍ଷୁଦ୍ର ଜ୍ଞାନ ଓ ବିପ୍ଳବୀ ଚରିତ୍ର ହାସଲ ନ କରି ଯଥାର୍ଥ ରୂପେ ଉପଲବ୍ଧି କରିବା ସମ୍ଭବ ନୁହେଁ ଓ ଏହାଠାରୁ ଆହୁରି ଦୁରୂହ ହେଉଛି, ଯାହା ବି ଉପଲବ୍ଧି ରହିଛି, ତାକୁ ଠିକ୍ ଠିକ୍ ଭାଷାରେ ରୂପାୟିତ କରିବା । ଏହା ସତ୍ତ୍ୱେ, ଅଗଣିତ ସଂଗ୍ରାମୀ ଜନଗଣଙ୍କ ଆକାଂକ୍ଷାକୁ ସମ୍ମାନ ଦେବାକୁ ଯାଇ, ଏଠାରେ ଅତି ସ୍ୱଳ୍ପ ପରିସରରେ ତାଙ୍କର ସୁମହାନ୍ ବିପ୍ଳବୀ ଜୀବନ ଓ ଚରିତ୍ରର ଅତି ସାମାନ୍ୟ କେତେକ ଦିଗ ଉପରେ ଅତ୍ୟନ୍ତ ସଂକ୍ଷିପ୍ତ ରୂପେ ଆଲୋକପାତ କରିବା ପାଇଁ ଚେଷ୍ଟା କରୁଛୁ ଓ ଏହି ଆଶା ପୋଷଣ କରୁଛୁ ଯେ, ତାଙ୍କର ବିରାଟ ଚରିତ୍ର ଓ ଶିକ୍ଷା ସର୍ବହରାଶ୍ରେଣୀର ମୁକ୍ତି ସଂଗ୍ରାମକୁ ଯେପରି ନିରନ୍ତର ପ୍ରେରଣା ଯୋଗାଇବ, ସେହିପରି କ୍ରମାଗତ ସଂଗ୍ରାମଲବ୍ଧ ଅଭିଜ୍ଞତାର ଆଲୋକରେ ଆମ ଭିତରେ ତାଙ୍କର ଚରିତ୍ର ଓ ଶିକ୍ଷାର କ୍ରମାଗତ ଉନ୍ନତତର ଉପଲବ୍ଧି ଘଟିପାରିବ ।

ଏ ଦେଶର ସର୍ବହରାଶ୍ରେଣୀର ଏକମାତ୍ର ବିପ୍ଳବୀ ଦଳ ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ) ଯାହାକୁ ସେ କଠୋର ପରିଶ୍ରମ ବଳରେ ନିଜ ହାତରେ ଗଢ଼ିତୋଳିଛନ୍ତି ତା' ମଧ୍ୟରେ ତାଙ୍କର ସମଗ୍ର ଚିନ୍ତାଧାରା ବିଶେଷୀକୃତ ରୂପ ପରିଗ୍ରହ କରିଛି । ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର ଇତିହାସ ହେଉଛି ମହାନ୍ ନେତା କମ୍ରେଡ ଶିବଦାସ ଘୋଷଙ୍କ ଇତିହାସ । ବିପ୍ଳବ, ସର୍ବହରାଶ୍ରେଣୀ ଏବଂ ତା'ର ବିଶେଷୀକୃତ ପରିପ୍ରକାଶ, ସର୍ବହରାଶ୍ରେଣୀର ବିପ୍ଳବୀ ଦଳ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ସହିତ ସେ ତାଙ୍କର ବ୍ୟକ୍ତି ସତ୍ତାକୁ ସଂପୂର୍ଣ୍ଣରୂପେ ବିଲୀନ କରି ଦେଇଥିଲେ । ସେ ଥିଲେ, ଦଳର ଅଭ୍ୟନ୍ତରରେ ଯୌଥ ଜ୍ଞାନର ବ୍ୟକ୍ତିକୃତ ଓ ବିଶେଷୀକୃତ ପରିପ୍ରକାଶ । ସେ କହୁଥିଲେ, "ମୁଁ କେବଳ ବିପ୍ଳବ ଚାହେଁ– ଏହା କୌଣସି ବିପ୍ଳବୀ ଚେତନା ନୁହେଁ । ପୁଣି ଶ୍ରମିକଶ୍ରେଣୀ ଏବଂ ସର୍ବହରାଙ୍କ କଥା ମୁଁ ଚିନ୍ତାକରେ ଏହା ମଧ୍ୟ କୌଣସି ସର୍ବହରାଶ୍ରେଣୀ ଚେତନା ନୁହେଁ । ସଠିକ ବିପ୍ଳବୀ ଚେତନା ହେଉଛି ସଠିକ ସର୍ବହରାଶ୍ରେଣୀ ଚେତନା ଏବଂ ଏହି ସଠିକ ସର୍ବହରାଶ୍ରେଣୀ ଚେତନା ହେଉଛି–ସଠିକ୍ ପାର୍ଟି ଚେତନା ।"

ମାତ୍ର ୧୩ ବର୍ଷ ବୟସରେ ହୃଦୟରେ ପରାଧୀନତାର ସୁତୀବ୍ର ଜ୍ୱାଳା ବହନ କରି ତାଙ୍କର ଯେଉଁ ବିରାମହୀନ କଠୋର ସଂଗ୍ରାମୀ ଜୀବନର ଅଧ୍ୟାୟ ଆରମ୍ଭ ହୋଇଥିଲା, ସେହି ସଂଗ୍ରାମର ଅଭିଜ୍ଞତା ହିଁ ତାଙ୍କ ମଧ୍ୟରେ ଧୀରେ ଧୀରେ ଚେତନା

ଅଙ୍କୁରିତ ହେବାରେ ସହାୟକ ହୋଇଥିଲା । ଅଗଣିତ ଶହୀଦମାନଙ୍କର ଆତ୍ମତ୍ୟାଗ ଫଳରେ ଅର୍ଜିତ ସ୍ୱାଧୀନତାର ସମସ୍ତ ଫଳ ମୁଷ୍ଟିମେୟ ଶୋଷକ ପୁଞ୍ଜିପତି ଶ୍ରେଣୀ ହାତକୁ ଚାଲିଯାଇଥିବା ଦେଖି ତାଙ୍କ ଅନ୍ତରରୁ ଉତ୍‌ଥିତ ତୀବ୍ର ବେଦନା ତଥା ସଂଗ୍ରାମଲବ୍ଧ ଅଭିଜ୍ଞତା ମିଶି ତାଙ୍କୁ ଏହି ସତ୍ୟୋପଲବ୍ଧିର ଦ୍ୱାରଦେଶକୁ ନେଇ ଯାଇଥିଲା ଯେ, ଶୋଷିତ ଶ୍ରେଣୀର ପ୍ରକୃତ ଦଳ ବ୍ୟତୀତ ଶୋଷିତ ଶ୍ରେଣୀର ମୁକ୍ତି କୌଣସି ମତେ ଅର୍ଜିତ ହୋଇ ପାରେନା । ସ୍ୱାଧୀନତା ପରବର୍ତ୍ତୀକାଳରେ ବିଭିନ୍ନ ଗଣ ଆନ୍ଦୋଳନ ସାମ୍ନାରେ ସେ ଏହି  କଥାଟିକୁ ବାରମ୍ବାର ଚେତେଇ ଦେଇ କହିଛନ୍ତି "ସମାଜରେ ଶ୍ରମିକ, ଚାଷୀ, ଶୋଷିତ ଜନଗଣଙ୍କ ବିକ୍ଷୋଭକୁ କେନ୍ଦ୍ରକରି ବିପ୍ଳବର ଉତ୍ତାଳ ତରଙ୍ଗ ବାରମ୍ବାର ଆସିବ, ବାରମ୍ବାର ବିସ୍ଫୋରଣ ଘଟିବ, ସମାଜ ଅଭ୍ୟନ୍ତରସ୍ଥ ଦ୍ୱନ୍ଦ୍ୱ ଫୁଲିଉଠି ବାରମ୍ବାର  କହିଉଠିବ, ଏ ଅବସ୍ଥାର ଆମୂଳଚୂଳ ପରିବର୍ତ୍ତନ ଦରକାର, ମଣିଷ ଓ ମଣିଷର ବିବେକକୁ ବାରମ୍ବାର ନିବେଦନ କରିବ-ମୁଁ ବିପ୍ଳବ ଚାହେଁ । କିନ୍ତୁ ବିପ୍ଳବ ସେତେଦିନ ଯାଁଏ ହେବନି, ବାରମ୍ବାର ସେ ଫେରିଯିବ, ବିପଥଗାମୀ ହୋଇ ଫେରିଯିବ; ବାରମ୍ବାର ତା' ଦ୍ୱାରା ପ୍ରତିକ୍ରିୟା ଲାଭବାନ ହେବ, ଯେତେଦିନ ଯାଏ ବିପ୍ଳବର ନେତୃତ୍ୱ ଦେବା ପାଇଁ ଉପଯୁକ୍ତ ଶକ୍ତି ନେଇ ବିପ୍ଳବୀ ପାର୍ଟିର ଆବିର୍ଭାବ ନ ଘଟିଛି ।" ସ୍ୱାଧୀନତା ସଂଗ୍ରାମ ମଧ୍ୟରେ ତାଙ୍କର ସେହି ସମୟର ଚେତନାର ମାପକାଠିରେ ଏହି ସତ୍ୟର ଯେତିକି ଉପଲବ୍ଧି ଘଟିଥିଲା ତାହାରି ଭିତ୍ତିରେ ପରିଚାଳିତ ନିରବଚ୍ଛିନ୍ନ ଜୀବନ ସଂଗ୍ରାମର ଜ୍ଞାନଲବ୍‌ଧ ଅଭିଜ୍ଞତା ହିଁ ପରବର୍ତ୍ତୀକାଳରେ ଏ ଦେଶର ସଠିକ୍ ଶ୍ରମିକ ଶ୍ରେଣୀର ଦଳ, ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)କୁ ଗଢ଼ି ତୋଳିବା ଭିତରେ ବାସ୍ତବ ଓ ପରିଣତ ରୂପ ଗ୍ରହଣ କରିଥିଲା ।

ଜନସାଧାରଣଙ୍କ ପ୍ରତି ତାଙ୍କର ଥିଲା ଅଫୁରନ୍ତ ଭଲ ପାଇବା । ସେ କହୁଥିଲେ, କମ୍ୟୁନିଷ୍ଟମାନଙ୍କର ଜନଗଣଙ୍କୁ ଭଲ ପାଇବା ଭିତରେ କୌଣସି କୃତ୍ରିମତା ନାହିଁ । ଆଉ ପୁଣି ସେ କହିଛନ୍ତି, କମ୍ୟୁନିଷ୍ଟମାନଙ୍କର ଅତ୍ୟନ୍ତ ପ୍ରିୟଜନଙ୍କୁ ଅଲଗାଭାବେ ଭଲ ପାଇବାର କିଛି ନାହିଁ । ଜନଗଣଙ୍କୁ ଭଲ ପାଇବା ଭିତରେ ହିଁ ନିଜର ପ୍ରିୟଜନଙ୍କୁ ଯଥାର୍ଥ ଭଲ ପାଇବାର ପ୍ରଶ୍ନଟି ନିହିତ ରହିଛି । ସର୍ବହରାଶ୍ରେଣୀ ପ୍ରତି ତାଙ୍କର ଏହି ଅଶେଷ ଶ୍ରଦ୍ଧା, ତାଙ୍କର ସ୍ନେହ, ମାୟା, ମମତା ଓ ଦରଦବୋଧର ନିବିଡ ଓ ସୂକ୍ଷ୍ମ ଅନୁଭୂତିଗୁଡ଼ିକୁ ବ୍ୟକ୍ତିବୋଧରୁ ସଂପୂର୍ଣ୍ଣ ମୁକ୍ତ କରି ବିପ୍ଳବ ସହିତ ଏକାତ୍ମ କରି ଦେଇଥିଲା । ଦଳର ନିତାନ୍ତ ସାଧାରଣ ସ୍ତରର କର୍ମୀମାନଙ୍କ ଠାରୁ ଆରମ୍ଭ କରି

ସାଧାରଣ ଚାଷୀ, ମୂଲିଆ ସମସ୍ତଙ୍କ ପ୍ରତି ତାଙ୍କର ଥିଲା ଗଭୀର ଭଲପାଇବା ! ସମସ୍ତଙ୍କ ପାଇଁ ତାଙ୍କର ଦ୍ୱାର ଥିଲା ଉନ୍ମୁକ୍ତ । ଏକବାରେ  ସାଧାରଣ ଚାଷୀକର୍ମୀଙ୍କ ଠାରୁ ଆରମ୍ଭ କରି କେତେ କର୍ମୀ କେତେ ସମସ୍ୟା ନେଇ ତାଙ୍କ ପାଖକୁ ପ୍ରତିଦିନ ଯାଉଥିଲେ । ଦିନ ପରେ ଦିନ ସେ ତାଙ୍କର ଭଗ୍ନ ସ୍ୱାସ୍ଥ୍ୟ ଅବସ୍ଥାରେ ଘଣ୍ଟା ଘଣ୍ଟା ଧରି ସେମାନଙ୍କ କଥା ଶୁଣୁଥିଲେ ଓ ଆଲୋଚନା କରୁଥିଲେ । କମ୍ରେଡମାନଙ୍କ ଟିକି ନିଖି ସମସ୍ୟା ସମ୍ବନ୍ଧରେ ଆଲୋଚନା କରି ସେ ଯେପରି ସଠିକ ପନ୍ଥା ଦେଖାଉଥିଲେ ପୁଣି ସେହିପରି ଗଭୀର ସ୍ନେହର ପରଶରେ ସେ ପ୍ରତିଟି କମ୍ରେଡମାନଙ୍କ ମନରୁ ସମସ୍ତ ଗ୍ଲାନି ନିମିଷକ ମଧ୍ୟରେ ଦୂର କରି ଦେଉଥିଲେ । ତାଙ୍କର ଏହି ଭଲ ପାଇବାର ଚରିତ୍ର ଥିଲା ସ୍ୱତନ୍ତ୍ର । ତାଙ୍କର ଏହି ଶ୍ରଦ୍ଧାର ପରଶ ପାଇ ପ୍ରତ୍ୟେକ ମଣିଷ ଏକ ସ୍ୱତନ୍ତ୍ର ଧରଣର ବିପ୍ଳବୀରେ ରୂପାନ୍ତରିତ ହେଉଥିଲେ ଓ ରୁଚି, ସଂସ୍କୃତିର ଏକ ସ୍ୱତନ୍ତ୍ର ସ୍ୱର ତାଙ୍କ ଭିତରେ ଗଢି ଉଠୁଥିଲା । ଦଳର କର୍ମୀମାନଙ୍କ ପ୍ରତି ତାଙ୍କର ବୁକୁଭରା ସ୍ନେହ ଶ୍ରଦ୍ଧା ଅଜାଡି ହୋଇ ପଡୁଥିଲା । ଯିଏ ସେଇ ସ୍ନେହ ଶ୍ରଦ୍ଧାର ଗଭୀରତା ଏବଂ ବ୍ୟାପକତା ଜାଣିନି ତା'ର ଏହା ବୁଝିବାର ଉପାୟ ନାହିଁ । ସେ କହୁଥିଲେ, କମ୍ୟୁନିଷ୍ଟମାନଙ୍କ ସ୍ନେହ ପ୍ରୀତି, ମାୟା ମମତା, ଭଲ ପାଇବା, ସବୁକିଛି ରହିବା ଦରକାର କିନ୍ତୁ ବିପ୍ଳବୀ ଜୀବନ ବାହାରେ ଏଗୁଡ଼ିକୁ ପାଇବାର କୌଣସି ଅର୍ଥ ବିପ୍ଳବୀମାନଙ୍କ ପାଖରେ ନାହିଁ । ସେ କେତେଥର କହିଛନ୍ତି, "ଏହି ବିପ୍ଳବୀ ଜୀବନ ଭିତରେ ଜନସାଧାରଣ ଓ ଦଳର କର୍ମୀମାନଙ୍କଠାରୁ ଯେଉଁ ସ୍ନେହ ଓ ଭଲପାଇବା ମୁଁ ପାଇଛି ତା'ର ତୁଳନା ନାହିଁ ।"

ମଣିଷର ସୂକ୍ଷ୍ମ ମୂଲ୍ୟବୋଧଗୁଡ଼ିକ ପ୍ରତି ତାଙ୍କର ଥିଲା ଗଭୀର ଆକର୍ଷଣ । ଯେଉଁ ମଣିଷ ଭିତରେ ସେ ସାମାନ୍ୟତମ ସୂକ୍ଷ୍ମ ମୂଲ୍ୟବୋଧଗୁଡ଼ିକର ପରିଚୟ ପାଉଥିଲେ ନାନା ବିରୁଦ୍ଧ ପରିସ୍ଥିତିରୁ ତାହାକୁ ସଯତ୍ନରେ ରକ୍ଷା କରିବାକୁ ଚେଷ୍ଟା କରୁଥିଲେ । ପୁଣି କାହା ଭିତରେ ଏକଦା ଗଢ଼ିଉଠିଥିବା ଉଚ୍ଚ ମୂଲ୍ୟବୋଧ କୌଣସି କାରଣରୁ ନଷ୍ଟ ହୋଇଯାଉଥିବାର ଦେଖିଲେ ତାଙ୍କର ହୃଦୟ ଗଭୀର ବେଦନାରେ ବ୍ୟଥିତ ହୋଇ ଉଠୁଥିଲା । ସେଥିପାଇଁ ସେ ଯେ କେତେ ଗଭୀର ବ୍ୟଥା ପାଉଥିଲେ ତାହା ବର୍ଣ୍ଣନାତୀତ । ମଣିଷର ମୂଲ୍ୟବୋଧ ପ୍ରତି ତାଙ୍କର ଏଇ ଗଭୀର ଆକର୍ଷଣ ଯୋଗୁ କେତେ କର୍ମୀଙ୍କର କେତେ ଦୋଷତ୍ରୁଟି ଦୂର କରିବାକୁ ଯାଇ ସେମାନଙ୍କୁ ଯେଉଁ ଗଭୀର ସହାନୁଭୂତି ଦେଖାଇଛନ୍ତି ତାହା କଳ୍ପନାତୀତ । ଏପରକି ଯେଉଁମାନେ

ତାଙ୍କୁ ବିରୋଧ କରୁଥିଲେ, ସେମାନଙ୍କ ବିରୁଦ୍ଧରେ ସଂଗ୍ରାମ କରିବା ସମୟରେ ମଧ୍ୟ ସେମାନଙ୍କ ଗୁଣଗୁଡ଼ିକୁ ସର୍ବଦା ଉଚ୍ଚକୁ ତୋଳିଧରିବାରେ ସେ କେବେ ଭୁଲ୍ କରି ନାହାନ୍ତି । କାହାର ଦୋଷତ୍ରୁଟି ସମ୍ପର୍କରେ ଆଲୋଚନା ସମୟରେ ବି ଅତ୍ୟନ୍ତ ଉନ୍ନତ ଓ ସୂକ୍ଷ୍ମ ରୁଚିବୋଧର ପରିଚୟ ସେ ଦେଇଯାଇଛନ୍ତି । ସେ କହୁଥିଲେ- "କାହାର କୌଣସି ଆଚରଣର ସମାଲୋଚନା କରିବା ସମୟରେ ନିଜକୁ ଆମେ ତା' ଜାଗାରେ ସ୍ଥାପନା କରି ତା'ର ବିଚାର ବା ସମାଲୋଚନା କରିବାକୁ ହେବ । ତା' ନ ହେଲେ, ଆଲୋଚନାର ଧାରା କେବେହେଲେ ନୈର୍ବ୍ୟକ୍ତିକ ବା 'impersonal' ହେବ ନାହିଁ ।" ପୁଣି କହୁଥିଲେ, ସବୁଲୋକଙ୍କର ଦୋଷଗୁଣ ରହିଛି । ଫଳରେ, ମଣିଷର ଦୋଷଗୁଡ଼ିକୁ ଦୂର କରି ଗୁଣଗୁଡ଼ିକୁ ବିକାଶ କରିବାକୁ ହେଲେ ଦୋଷଗୁଡ଼ିକୁ ଘଣ୍ଟା ଚକଟା ନ କରି ଗୁଣାବଳୀକୁ କ୍ରମାଗତ ଉତ୍ସାହିତ କରିବାକୁ ପଡେ । ଏହି ପଥରେ ହିଁ ସେହି ବ୍ୟକ୍ତିର ଗୁଣାବଳୀ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଦୋଷଗୁଡ଼ିକ କ୍ରମେ କ୍ରମେ ଦୂର ହୋଇ ପାରିବ । କର୍ମୀମାନଙ୍କୁ ସେ ବାରମ୍ବାର କହୁଥିଲେ, "ବିପ୍ଳବୀମାନଙ୍କ ପାଖରେ ସମାଲୋଚନାର ପଦ୍ଧତି ହେଉଛି, ପ୍ରଥମେ ଆତ୍ମସମାଲୋଚନା ଓ ପରେ ଅନ୍ୟମାନଙ୍କ ସମାଲୋଚନା । ଆତ୍ମସମାଲୋଚନାର ମନୋଭାବକୁ ଭିତ୍ତି କରି ସମାଲୋଚନା ଚଳାଇ ପାରିଲେ ହିଁ ବିପ୍ଳବର ଅନୁକୂଳରେ ତା'ର ଯଥାର୍ଥ କାର୍ଯ୍ୟକାରୀତା ରହିଛି ।" ପୁଣି କହୁଥିଲେ, "ଯେ କୌଣସି ସମାଲୋଚକ, ସେ ବାହାର ଲୋକ ହୁଅନ୍ତୁ ବା ଦଳର ଲୋକ ହୁଅନ୍ତୁ, ଏପରିକି ଶତ୍ରୁପକ୍ଷର ଲୋକ ହେଲେ ମଧ୍ୟ ତାଙ୍କୁ ଆମେ ଶିକ୍ଷକ ବୋଲି ମନେକରୁ ।"

ଅତୀତର ବଡ ମନୀଷୀଙ୍କୁ ସେ ଗଭୀରଭାବେ ଶ୍ରଦ୍ଧା କରୁଥିଲେ ଏବଂ କର୍ମୀମାନଙ୍କୁ ଶ୍ରଦ୍ଧା କରିବାପାଇଁ ଶିକ୍ଷା ଦେଉଥିଲେ । ଜାତି ଯେ ଏମାନଙ୍କୁ ଭୁଲିଯାଉଛି ଏବଂ ଦିନକୁ ଦିନ ଏମାନେ ଯେ ବିସ୍ମୃତିର ଅତଳ ଗର୍ଭକୁ ଚାଲି ଯାଉଛନ୍ତି ଏହା କହିଲାବେଳେ ତାଙ୍କର କଣ୍ଠ ଆବେଗରେ ରୁଦ୍ଧ ହୋଇ ଯାଉଥିଲା । ସେ କହୁଥିଲେ, "ଏମାନଙ୍କୁ ଭୁଲିଯିବା ଫଳରେ ବର୍ତ୍ତମାନର ରାଜନୈତିକ ଆନ୍ଦୋଳନ, ଗଣ ଆନ୍ଦୋଳନ ଓ ସାହିତ୍ୟ ଆନ୍ଦୋଳନ କ୍ଷେତ୍ରରେ ନୀତି, ନୈତିକତା, ରୁଚି ଓ ସଂସ୍କୃତିର ଉଚ୍ଚ ମାନ ହ୍ରାସ ପାଉଛି । ଦିନେ ଯେଉଁ ଉଚ୍ଚମାନଟି ଗଢ଼ି ଉଠିଥିଲା ତାହା ଆଜି ଧୂଳିସାତ୍ ହୋଇ ଯାଇଛି । ଫଳରେ ଆଜି ଆମ୍ଭେମାନେ ଛିନ୍ନମୂଳ ହୋଇ ପଡ଼ିଛୁ । ସ୍ୱାଧୀନତା ଆନ୍ଦୋଳନ ସମୟରେ ସଂସ୍କୃତିର ଯେଉଁ ଉଚ୍ଚ ଆଧାର ଦିନେ ଗଢ଼ିଉଠିଥିଲା,

ତା'ର ଧାରାକୁ ଆଜି ରକ୍ଷାକରି ପାରୁନାହୁଁ । ବଡ଼ ବଡ଼ କଥା ସବୁ ବିଶ୍ୱରୁ ଆହରଣ କରିଛୁ । କିନ୍ତୁ ଏ ଦେଶ ମାଟିରେ ଗଢ଼ିଉଠିଥିବା ଉଚ୍ଚ ସଂସ୍କୃତିର ଧାରା ସହିତ ଆମେ ଯୋଗସୂତ୍ର ହରାଇ ବସିଛୁ । ସେଇ ଯୋଗସୂତ୍ରଟିକୁ ଆମକୁ ଗଢ଼ିତୋଳିବାକୁ ପଡ଼ିବ ।" ସେ କହୁଥିଲେ, ଆମେ କମ୍ୟୁନିଷ୍ଟମାନେ ଆକାଶରୁ ଖସିପଡ଼ିନାହୁଁ । ଏ ଦେଶର ସଂସ୍କୃତିର ବିକାଶ ତଥା ସମାଜ ଅଗ୍ରଗତି ଆନ୍ଦୋଳନର ଧାରାବାହିକତା ଭିତରୁ ହିଁ ଆମେ ଆସିଛୁ । ଅତୀତ ଯୁଗର ମନୀଷୀମାନଙ୍କ ସହିତ ଆଜି ଆମର ଚିନ୍ତାର ବିରୋଧ ଥିଲେ ମଧ୍ୟ ଏ ଯୁଗର ବିପ୍ଳବୀମାନେ ହିଁ ତାଙ୍କର ସାର୍ଥକ ଉତ୍ତରାଧିକାରୀ । ତାଙ୍କର ଯଥାର୍ଥ ମୂଲ୍ୟାୟନ ପଥରେ ହିଁ ସେମାନଙ୍କର ଧାରାବାହିକତା ସହିତ ଛେଦ (break) ଘଟାଇ ପାରିଲେ, ବର୍ତ୍ତମାନର ଉନ୍ନତ ସର୍ବହାରାଶ୍ରେଣୀ ଚେତନାର ଭିତ୍ତି ଉପରେ ବିପ୍ଳବୀ ଆନ୍ଦୋଳନ ଗଢ଼ିଉଠିବ ।

ଗଣ ଆନ୍ଦୋଳନଠାରୁ ଆରମ୍ଭ କରି ରାଜନୈତିକ ଆନ୍ଦୋଳନ ଏପରିକି ପାରିବାରିକ ଜୀବନର ଅଭ୍ୟନ୍ତର ଆଦିରେ ସମାଜର ସର୍ବସ୍ତରରେ ଯେଉଁଭାବେ ନ୍ୟାୟନୀତିବୋଧ, ଉନ୍ନତ ରୁଚି ଓ ସୂକ୍ଷ୍ମ ମୂଲ୍ୟବୋଧଗୁଡ଼ିକ ନିଃଶେଷ ହୋଇଯାଉଛି ତା' ଦେଖି ସେ ଅତ୍ୟନ୍ତ ଉଦ୍‌ବିଗ୍ନ ହୋଇ ପଡୁଥିଲେ ଏବଂ ବ୍ୟଥା ପାଉଥିଲେ । ସେ କହୁଥିଲେ, "ଗୋଟିଏ ଜାତି ଖାଇବାକୁ ନ ପାଇ ମଧ୍ୟ ମେରୁଦଣ୍ଡ ସିଧା କରି ଠିଆ ହୋଇ ପାରିବ, ଯଦି ତା'ର ମନୁଷ୍ୟତ୍ୱ ଥାଏ । ଯଦି ମନୁଷ୍ୟତ୍ୱ ଚାଲିଯାଏ, ତେବେ ସେ ଜାତିର ଆଉ କିଛି ବାକି ନଥାଏ ।" ପୁଣି କହୁଥିଲେ, "ଆଜି ଭାରତବର୍ଷର ଗଣ ଆନ୍ଦୋଳନର ପ୍ରତ୍ୟେକ ସ୍ତରରେ ନୀତିନୈତିକତା ଯେ ନାହିଁ, ଏହି କଠୋର ସତ୍ୟକୁ ମୁଁ ଅତ୍ୟନ୍ତ ବେଦନାର ସହିତ ଲକ୍ଷ୍ୟ କରୁଛି । ଏହାର ନୀତି, ନୈତିକତା ଓ ସଂସ୍କୃତିର ଖିଅ ଓ ଆଧାର ଧସି ଯାଇଛି ।" କହୁଥିଲେ, "କୌଣସି ଆନ୍ଦୋଳନ କେବଳ ବୁଦ୍ଧିର କାରବାର ନୁହେଁ, ଉଭୟ ବୁଦ୍ଧି ଓ ହୃଦୟବୃତ୍ତିର କାରବାର । ବିପ୍ଳବ ମଧ୍ୟ ସେଇୟା । ଚିନ୍ତା ଆଗେଇ ଯାଉଛି ସେଠି ହୃଦୟବୃତ୍ତିର ଆଧାରଟା ଯଦି ନିମ୍ନ ସ୍ତରକୁ ଚାଲିଆସେ, ତେବେ ବ୍ୟବଧାନ ସୃଷ୍ଟି ହେବ । ଫଳରେ ପରିଶେଷରେ ଆନ୍ଦୋଳନ ଓ ଚିନ୍ତା ମଧ୍ୟ ବିପଥଗାମୀ ହେବ ଏବଂ ରାସ୍ତା ମିଳିବ ନାହିଁ । ତେଣୁ ଆଜି ତୁଚ୍ଛା ସ୍ଲୋଗାନସର୍ବସ୍ୱ ଆନ୍ଦୋଳନ ଚାଲିଛି । ଫଳରେ ବାରମ୍ବାର ଉତ୍ତାଳ ତରଙ୍ଗରେ ଫୁଲିଫୁଲି ଆସୁଛି ଆନ୍ଦୋଳନ । କହୁଛି-ପରିବର୍ତ୍ତନ ଚାହେଁ, ବିପ୍ଳବ ଚାହେଁ, ମଣିଷ ମରୁଛି, ଯୁବକ ପ୍ରାଣ ଦେଉଛି କିନ୍ତୁ ବିପ୍ଳବ ହେଉନାହିଁ କି ପରିବର୍ତ୍ତନ ଆସୁନାହିଁ ।"

ସେ ପୁଣି କହୁଥିଲେ, "ଏହିଭଳି ବିଚ୍ଛିନ୍ନ ଏବଂ ଏକାନ୍ତଭାବେ ରୁଚି ସଂସ୍କୃତି ବହିର୍ଭୁତ ଆନ୍ଦୋଳନରେ କେବଳ ସଂଗ୍ରାମ କଲେ ବା ପ୍ରାଣ ଦେଲେ ପରିବର୍ତ୍ତନ ଆସେ ନାହିଁ । ଦେଶରେ ସୁନିର୍ଦ୍ଦିଷ୍ଟ ରାଜନୈତିକ ଲକ୍ଷ୍ୟର ଭିତ୍ତିରେ ନୀତିଭିତ୍ତିକ ଆନ୍ଦୋଳନ ହେଲେ ଯାଇ ଜାତିର ମେରୁଦଣ୍ଡ ସଳଖ ହେବ ।"

ଜନଗଣଙ୍କ ସଂଗ୍ରାମକୁ ସର୍ବହରାଶ୍ରେଣୀର ଉନ୍ନତ ସଂସ୍କୃତିର ଆଧାରରେ ଗଢ଼ିତୋଳିବା ପାଇଁ ସେ ବାରମ୍ବାର କର୍ମୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କହିଛନ୍ତି, "କୌଣସି ଗୋଟିଏ ପାର୍ଟି ଆଦର୍ଶର ବଡ଼ ବଡ଼ କଥା କହୁଛି କି ନାହିଁ, ଏଇଟା ହିଁ ବଡ଼ କଥା ନୁହେଁ । ତାଙ୍କର ଆଦର୍ଶ ପ୍ରକୃତ ବଡ଼ କି ନୁହେଁ ତାହାର ପ୍ରମାଣ ହେଉଛି ସେମାନଙ୍କ ନେତା, କର୍ମୀ ଓ ସମର୍ଥକବୃନ୍ଦ ବ୍ୟକ୍ତିଗତ ଜୀବନରେ, ପ୍ରତିଦିନର ବ୍ୟବହାରରେ ଓ ରାଜନୈତିକ ଆଚାର ବ୍ୟବହାରରେ ଉନ୍ନତ ରୁଚି ଓ ସଂସ୍କୃତିର ମାନ ପ୍ରତିଫଳିତ କରୁଛନ୍ତି କି ନାହିଁ ।" ଏ ଦେଶର ତଥାକଥିତ କମ୍ୟୁନିଷ୍ଟମାନଙ୍କ ଭିତରୁ ଯେଉଁମାନେ ନୀତି-ନୈତିକତାର ପ୍ରଶ୍ନକୁ ବୁର୍ଜୁଆ ସଂସ୍କାର ବୋଲି ଅଭିହିତ କରନ୍ତି, ସେମାନଙ୍କର ଏହି ଧାରଣାକୁ ଖଣ୍ଡନ କରିବାକୁଯାଇ ସେ କହୁଥିଲେ, "କମ୍ୟୁନିଷ୍ଟ ଆଦର୍ଶ ମଧ୍ୟରେ ଯଦି ଉନ୍ନତ ସଂସ୍କୃତିର ସନ୍ଧାନ ମୁଁ ପାଇନଥାନ୍ତି ତେବେ ମୁଁ କୌଣସିଦିନ କମ୍ୟୁନିଷ୍ଟ ହୋଇ ନଥାନ୍ତି ।" ପୁଣି କହୁଥିଲେ, "ଯେ କୌଣସି ବଡ଼ ଆଦର୍ଶର ମର୍ମବସ୍ତୁ ତା'ର ସଂସ୍କୃତିଗତ ଓ ରୁଚିଗତ ମାନ ମଧ୍ୟରେ ନିହିତ ଅଛି । ମାର୍କ୍ସବାଦ ହେଉଛି ଏକ ମହାନ ବିପ୍ଳବୀ ଆଦର୍ଶ । ଫଳରେ ଏହି  ସର୍ବୋତ୍ତମ ବିପ୍ଳବୀ ଆଦର୍ଶର ମଧ୍ୟ ମର୍ମବସ୍ତୁ ଏବଂ ପ୍ରାଣସତ୍ତା ତା'ର ସଂସ୍କୃତିଗତ ମାନ ଓ ନୈତିକ ମାନ ମଧ୍ୟରେ ନିହିତ ।" କହୁଥିଲେ, "ମାର୍କ୍ସବାଦ-ଲେନିନ୍‌ବାଦର ଯଥାର୍ଥ ଉପଲବ୍ଧି କାହା ମଧ୍ୟରେ ହେଉଛି କି ନାହିଁ ତାହା ବୁଝିବାର ଉପାୟ ହେଉଛି ତାଙ୍କ ଜୀବନରେ ରୁଚି ସଂସ୍କୃତିର ଉଚ୍ଚ ମାନ ପ୍ରତିଫଳିତ ହେଉଛି କି ନାହିଁ ।" ପୁଣି କହୁଥିଲେ, "ବିପ୍ଳବୀ ରାଜନୀତି ହେଉଛି ସବୁଠାରୁ ଉଚ୍ଚତର ହୃଦୟବୃତ୍ତି । ପ୍ରକୃତ ଭଲପାଇବା ପାଇଁ ଯେଉଁ ହୃଦୟର ଉଦାରତା, ଆବେଗ, ଦରଦ, ମମତ୍ୱ ଓ ଜ୍ଞାନର ପ୍ରୟୋଜନ ତାହା ଏକମାତ୍ର ସର୍ବହରା ବିପ୍ଳବକୁ ଭିତ୍ତିକରି ହିଁ ଏ ଯୁଗରେ ଗଢ଼ିଉଠେ ।" ଦଳର ଅନ୍ୟାନ୍ୟ ନେତା ଓ କର୍ମୀମାନଙ୍କ ସଙ୍ଗରେ ଏକତ୍ର କମ୍ୟୁନ୍‌ରେ ଜୀବନ ଯାପନ ମଧ୍ୟ ଦେଇ ସେ ସାମ୍ୟବାଦୀ ଆନ୍ଦୋଳନରେ କମ୍ୟୁନ୍ ଜୀବନ ଯାପନ କରିବାର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ସ୍ଥାପନ କରିଦେଇ ଯାଇଛନ୍ତି । ତାହା ସଙ୍ଗେ ସଙ୍ଗେ ବର୍ତ୍ତମାନ ଯୁଗରେ କମ୍ୟୁନିଷ୍ଟ ଚରିତ୍ର

ଅର୍ଜ୍ଜନର ଏକ ନୂତନ ଓ ଅତ୍ୟନ୍ତ ଉନ୍ନତ ଧାରଣା ତୋଳି ଧରିଛନ୍ତି । ଦଳ ଗଠନର ପ୍ରାରମ୍ଭରୁ ହିଁ ସେ କମ୍ୟୁନ୍ ପ୍ରତିଷ୍ଠା କରିଥିଲେ ଏବଂ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେହିଠାରେ ରହି ଦଳର ନେତା ଓ କର୍ମୀଙ୍କୁ ପ୍ରତ୍ୟେକଟି ବିଷୟରେ ଶିକ୍ଷା ଦେଇ ଉନ୍ନତତର ରାଜନୈତିକ ଚେତନା ଓ ରୁଚି ସଂସ୍କୃତିର ମାନ ଅର୍ଜ୍ଜନରେ ସାହାଯ୍ୟ କରିଛନ୍ତି । କମ୍ୟୁନ୍‌ର ପ୍ରତ୍ୟେକ କମ୍ରେଡଙ୍କର ପ୍ରତ୍ୟେକଟି ବିଷୟକୁ ଟିକିନିଖି କରି ଜାଣି ସେ ସବୁ ପ୍ରତି ଦୃଷ୍ଟି ରଖି ଅସୀମ ଧୈର୍ଯ୍ୟର ସହିତ ସେମାନଙ୍କ ଦୋଷ ତ୍ରୁଟି ଆଦି ଦୂର କରିବାର ପ୍ରଚେଷ୍ଟା କରିଛନ୍ତି । ଫଳରେ ସମସ୍ତ କ୍ଷେତ୍ରରେ ତାଙ୍କର ନୈର୍ବ୍ୟକ୍ତିକ (impersonal) ଦୃଷ୍ଟିଭଙ୍ଗୀ ଓ ତାଙ୍କର ରୁଚିସଂସ୍କୃତିର ଅତ୍ୟନ୍ତ ଉନ୍ନତ ମାନ କର୍ମୀମାନଙ୍କ ମଧ୍ୟରେ ବିପ୍ଳବୀ ଚେତନାର ଏକ ଉନ୍ନତ ଧାରଣା ଗଢ଼ି ଦେଇଛି । ସର୍ବହରାଶ୍ରେଣୀର ଉନ୍ନତ ରୁଚି ସଂସ୍କୃତିର ଭିତ୍ତିରେ କର୍ମୀମାନଙ୍କର ବିପ୍ଳବୀ ଚରିତ୍ର ଗଢ଼ି ତୋଳିବା ପାଇଁ ଦଳର ଅଭ୍ୟନ୍ତରରେ ସେ ନିରବଚ୍ଛିନ୍ନ ପ୍ରଚେଷ୍ଟା ଚଳାଇ ଯାଇଛନ୍ତି । ଶିଳ୍ପୀ ଯେପରି ନିବିଡ ସାଧନା ବଳରେ ଯନ୍ତ୍ରରେ ତାରଗୁଡ଼ିକୁ ମିଳାଇ ଗୋଟିଏ ସ୍ୱର ସୃଷ୍ଟି କରେ, ଠିକ୍ ସେହିପରି ଦଳର କର୍ମୀମାନଙ୍କର ରୁଚି ସଂସ୍କୃତିର ସ୍ତରକୁ ଏକ ଉନ୍ନତ ସ୍ୱରରେ ବାନ୍ଧି ରଖିଦେଇ ଯାଇଛନ୍ତି । ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) କର୍ମୀମାନଙ୍କ ମଧ୍ୟରେ ଶୃଙ୍ଖଳାବୋଧ ଓ ଅପେକ୍ଷାକୃତ ଉନ୍ନତ ରୁଚିର ପ୍ରତିଫଳନ ଦେଖି ସବୁ ସ୍ତରର ଜନସାଧାରଣ ଯେ ବିସ୍ମିତ ହୋଇଯା'ନ୍ତି ତା'ର ମୂଳ ରହସ୍ୟ ଏହିଠାରେ ହିଁ ନିହିତ ।

ତାଙ୍କ ଆଜୀବନ ସଂଗ୍ରାମ ହେଉଛି ନିରବଚ୍ଛିନ୍ନ ସଂଗ୍ରାମ ପଥରେ କ୍ରମାଗତ ଉନ୍ନତରୁ ଉନ୍ନତତର ବିପ୍ଳବୀଜୀବନକୁ ଉନ୍ନୀତ ହେବାର ସଂଗ୍ରାମ । ଜନଗଣଙ୍କର ମୁକ୍ତି ସଂଗ୍ରାମ ଗଢ଼ି ତୋଳିବାକୁ ଯାଇ ବାସ୍ତବ ଜୀବନର ଅଭିଜ୍ଞତାରେ ସେ ବିନ୍ଦୁ ବିନ୍ଦୁ ସତ୍ୟ ଆହରଣ କରି ନିଜ ଭିତରେ ଜ୍ଞାନ ସମୁଦ୍ର ସୃଷ୍ଟି କରିପାରିଥିଲେ । ପୁଣି କର୍ମୀମାନଙ୍କ ପାଖରେ ସେହି ବିରାଟ ଜ୍ଞାନଭଣ୍ଡାରକୁ ଅଜାଡି ଦେଇଥିଲେ । ସେ କହୁଥିଲେ, "କମ୍ୟୁନିଷ୍ଟମାନଙ୍କର ସଂଗ୍ରାମ ସତ୍ୟ ସାଧନାର ସଂଗ୍ରାମ ।" ପୁଣି ସେ କହିଛନ୍ତି, "ଏ ଯୁଗରେ ସତ୍ୟକୁ ଟିକିନିଖି କରି ଜାଣିବା ସର୍ବହରା ଶ୍ରେଣୀର ସବୁଠାରୁ ବେଶୀ ପ୍ରୟୋଜନ ।" ଆହୁରି କହିଛନ୍ତି, "ସତ୍ୟକୁ ଜାଣିବାକୁ ହେଲେ, ଆଜି ଯୁକ୍ତିର ମାପକାଠିରେ ଯାହା ତୁମ ପାଖରେ ସତ୍ୟ ବୋଲି ପ୍ରତିଭାତ ହେଉଛି ଜନଗଣଙ୍କ ବିପ୍ଳବୀ ସଂଗ୍ରାମ ସହିତ ନିଜକୁ ପ୍ରତ୍ୟକ୍ଷଭାବେ ଯୁକ୍ତକରି ସାହସର ସହିତ ଜୀବନର ସବୁ କ୍ଷେତ୍ରରେ ସେହି ସତ୍ୟକୁ ପ୍ରୟୋଗ କରିବା ପାଇଁ ଆପୋଷହୀନ ସଂଗ୍ରାମ

ତୁମ୍ଭମାନଙ୍କୁ ଆରମ୍ଭ କରିବାକୁ ପଡ଼ିବ । ଆଉ ଏହି ସଂଗ୍ରାମର ପ୍ରକ୍ରିୟାରେ କ୍ରମାଗତଭାବେ ଯେଉଁ ବୃହତ୍ତର ସତ୍ୟର ଉପଲବ୍ଧି ତୁମ ଭିତରେ ଘଟିବ ତାରି ଭିତ୍ତିରେ ଜୀବନକୁ ଯଦି କ୍ରମାଗତ ପରିବର୍ତ୍ତିତ କରିପାର, ତାହା ହେଲେ ହିଁ କେବଳ ତୁମେ ସତ୍ୟ ବୁଝିବାକୁ ସକ୍ଷମ ହେବ ।" ପୁଣି ସେ କହିଛନ୍ତି, "ସତ୍ୟ ଜାଣିବାକୁ ହେଲେ ଏପରିକି ଅଜ୍ଞ ଲୋକ ପାଖରୁ ମଧ୍ୟ ଶିଖିବାର ମନୋଭାବ ତୁମ ଭିତରେ ରହିବା ଦରକାର ।"

ଜନଗଣଙ୍କ ସଂଗ୍ରାମ ଏବଂ ସମସ୍ୟାଠାରୁ ବିଚ୍ଛିନ୍ନ ହୋଇ ନିଛକ ଜ୍ଞାନ ଆହରଣ ପାଇଁ ସେ କେବେହେଲେ ବହି ପଢ଼ାର ଚର୍ଚ୍ଚା କରି ନାହାନ୍ତି । ସେଥିପାଇଁ ତାଙ୍କର ବିରାଟ କର୍ମମୟ ଜୀବନ ଭିତରେ ତାଙ୍କୁ ଘରେ ବସି ଜ୍ଞାନତତ୍ତ୍ୱର ବହି ପଢ଼ିବା କାହାର ଦୃଷ୍ଟିଗୋଚର ହୋଇନାହିଁ କହିଲେ ଚଳେ । ଅଥଚ ବିଜ୍ଞାନ, ଦର୍ଶନ, ସାହିତ୍ୟ, ସଙ୍ଗୀତ, ମନସ୍ତତ୍ତ୍ୱ ପ୍ରଭୃତି ଅସଂଖ୍ୟ ବିଷୟ ଉପରେ ତାଙ୍କର ଅସାଧାରଣ ଜ୍ଞାନ ସମସ୍ତଙ୍କୁ ବିସ୍ମୟାଭିଭୂତ କରିଛି । ତାଙ୍କର ଏହି ଜାଣିବାର ପ୍ରକୃତି ଥିଲା ସଂପୂର୍ଣ୍ଣ ଭିନ୍ନ ଧରଣର । ଜନଗଣଙ୍କ ମୁକ୍ତି ଆନ୍ଦୋଳନକୁ ସଂଗଠିତ କରିବା ଭିତରେ ଯେଉଁ ସମସ୍ୟାମାନ ତାଙ୍କ ଆଗରେ ଦେଖା ଦେଇଛି ଗୋଟିଏ ପକ୍ଷରେ ସେଗୁଡ଼ିକୁ ସଂଗ୍ରାମଲବ୍ଧ ଅଭିଜ୍ଞତା ଦ୍ୱାରା ଯେପରି ସେ ସମାଧାନ କରିବାକୁ ଚେଷ୍ଟା କରିଛନ୍ତି, ଏହା ସହିତ ବହି ପଢ଼ି ହେଉ ବା ଆଲୋଚନା କରି ହେଉ, ସେହି ବିଶେଷ ସମସ୍ୟା ସଂପର୍କିତ ବିଷୟଟିକୁ ନାନା ଦିଗରୁ ବୁଝିବା ପାଇଁ ଚେଷ୍ଟା କରିଛନ୍ତି, ପୁଣି ଅନ୍ୟ ପକ୍ଷରେ ତାହା ମଧ୍ୟ ଦେଇ ଯେଉଁ ସତ୍ୟ ତାଙ୍କ ଆଗରେ ପ୍ରତିଭାତ ହୋଇଛି, ଜୀବନରେ ତାକୁ ନିରଳସ ପ୍ରୟୋଗ ଭିତରେ ତାଙ୍କର ଉପଲବ୍ଧିକୁ କ୍ରମାଗତ ଉନ୍ନତ କରିଛନ୍ତି । ଏହିଭାବେ କ୍ରମାଗତ ସଂଗ୍ରାମ ମଧ୍ୟ ଦେଇ ବୃହତ୍‌ରୁ ବୃହତ୍ତର ସତ୍ୟୋପଲବ୍ଧିରେ ସେ ଉପନୀତ ହୋଇଛନ୍ତି । ସେହି ଯୋଗୁଁ ସତ୍ୟ ତାଙ୍କ ପାଖରେ ସର୍ବଦା ଏତେ ସହଜଭାବେ ପ୍ରତିଭାତ ହୋଇଛି ଏବଂ ଏତେ ସହଜରେ ସେ ତାହା ପ୍ରକାଶ କରିପାରିଛନ୍ତି । କର୍ମୀମାନଙ୍କର ବିପ୍ଳବୀ ଚେତନା ଓ ଚରିତ୍ରର ମାନକୁ ଉନ୍ନତ କରିବା ପାଇଁ ସେ ମାର୍କ୍ସବାଦ-ଲେନିନ୍‌ବାଦ ଉପରେ ଯେଉଁ ଅସଂଖ୍ୟ କ୍ଲାସ ନେଇଛନ୍ତି, ସେହି ସବୁ କ୍ଲାସଗୁଡ଼ିକରେ ଉପସ୍ଥିତ ରହିବାର ସୁଯୋଗ ଯାହାର ଘଟିଛି, ସେମାନେ ଦେଖିଛନ୍ତି, ମାର୍କ୍ସବାଦୀ ଦର୍ଶନର ଅତ୍ୟନ୍ତ ଜଟିଳ ଓ ସୂକ୍ଷ୍ମ ତତ୍ତ୍ୱଗୁଡ଼ିକୁ ବୁଦ୍ଧିଜୀବୀଙ୍କ କଥାଛାଡ଼ନ୍ତୁ ଏକବାରେ ଅଜ୍ଞ ଚାଷୀ ଓ ମଜୁରିଆଙ୍କ ପାଖରେ ସେମାନଙ୍କର ବୁଝିବା ଭଳି ଅତି

ସହଜରେ ସେ ଉପସ୍ଥାପିତ କରିଛନ୍ତି । ସେ କର୍ମୀମାନଙ୍କୁ କହୁଥିଲେ, "କମ୍ୟୁନିଷ୍ଟମାନଙ୍କ ପକ୍ଷରେ ଅସମ୍ଭବ ବୋଲି କିଛି ନାହିଁ ।" ଥରେ ଜେଲ ଭିତରେ ତାଙ୍କର ଏହି ବକ୍ତବ୍ୟର ଅଭ୍ରାନ୍ତତା ପ୍ରମାଣ କରିବା ପାଇଁ ଜଣଙ୍କ ସହ ଚାଲେଞ୍ଜ କରି ସେ ନିଜେ ସୀତାର ଶିଖିବାକୁ ଆରମ୍ଭ କଲେ, ଏବଂ କିଛି ଦିନ ପରେ ଜେଲ୍ ଭିତରେ ଏକ ଅନୁଷ୍ଠାନରେ ନିପୁଣଭାବେ ଗୋଟିଏ ସ୍ୱର ବଜାଇ ସମସ୍ତଙ୍କୁ ବିସ୍ମିତ କରି ପକାଇଥିଲେ । ତା' ପରଠାରୁ ଆଉ ସେ କୌଣସି ଦିନ ସୀତାରରେ ହାତ ଦେଇ ନାହାନ୍ତି । ଯେ କୌଣସି କାମକୁ ଅତ୍ୟନ୍ତ ନିପୁଣ ଓ ସୁନ୍ଦରଭାବେ କରିବାର ଏକ ଅଦ୍‌ଭୁତ ଗୁଣ ତାଙ୍କର ଥିଲା । ସେ କହୁଥିଲେ, "ଯେ କୌଣସି କାମ ଯେତେ ନଗଣ୍ୟ ହେଉ ପଛେ କିଛି ନୂତନ ସୃଷ୍ଟି କରିବାର ମାନସିକତା ନେଇ ନିପୁଣଭାବେ ତାକୁ କରିବା ଦରକାର ।" ପୁଣି ସେ କହିଛନ୍ତି, 'କୌଣସି କାମକୁ ବିପ୍ଳବୀମାନେ ତୁଚ୍ଛ ମନେ କରନ୍ତି ନାହିଁ ।' ତୁଚ୍ଛ ଭାବି କୌଣସି କାମକୁ ଗୁରୁତ୍ୱ ନ ଦେଇ କଲେ କେବଳ କାମଟା ଯେ ନଷ୍ଟ ହୁଏ ତା ନୁହେଁ, ଉପରନ୍ତୁ ଏହା ଚିନ୍ତା ପଦ୍ଧତି (method) ରେ ସୁସଂଯୋଜନ (intergration) ଓ ସଂହତି ଘଟାଇବାରେ ବାଧା ସୃଷ୍ଟି କରେ ।'

ତାଙ୍କ ଜୀବନରେ ସତ୍ୟୋପଲବ୍ଧି ଏବଂ ତାର ଆପୋଷହୀନପ୍ରୟୋଗ ମଧ୍ୟରେ କୌଣସି ବ୍ୟବଧାନ ନଥିଲା । ସତ୍ୟୋପଲବ୍ଧି ତାଙ୍କୁ ଯାହା କରିବାକୁ କହିଛି, ପର୍ବତ ସମାନ ପ୍ରତିକୂଳ ପରିସ୍ଥିତି ମଧ୍ୟ ତାଙ୍କୁ ସେଥିରୁ ନିବୃତ୍ତ କରାଇ ପାରିନି । ମାତ୍ର କୋଡ଼ିଏ ବର୍ଷ ବୟସରେ ଯେଉଁ ମୁହୂର୍ତ୍ତରେ ସେ ତାଙ୍କର ସତ୍ୟୋପଲବ୍ଧି ଦ୍ୱାରା ବୁଝିପାରିଲେ ଯେ ଏ ଦେଶରେ ସର୍ବହରାଶ୍ରେଣୀର ଗୋଟିଏ ସଠିକ୍ ବିପ୍ଳବୀ ପାର୍ଟି ଗଢ଼ି ତୋଳିବା ବ୍ୟତିରେକେ ସମସ୍ତ ପ୍ରକାର ଶୋଷଣରୁ ମୁକ୍ତି ପାଇଁ ଅନ୍ୟ କୌଣସି ବାଟ ଖୋଲା ନାହିଁ, ସେହି ମୁହୂର୍ତ୍ତରେ ସେ ନୂଆ କରି ସଠିକ୍ ଶ୍ରମିକଶ୍ରେଣୀର ଦଳ ଗଠନ କାର୍ଯ୍ୟରେ ବ୍ରତୀ ହେଲେ । କୌଣସି ବାଧା, ବିପତ୍ତି, କୌଣସି ପ୍ରତିକୂଳ ପରିସ୍ଥିତି ତାଙ୍କର ଏହି ସତ୍ୟୋପଲବ୍ଧିକୁ ବାସ୍ତବରେ ପ୍ରୟୋଗ କରିବା ରାସ୍ତାରୁ ତାଙ୍କୁ ନିବୃତ୍ତ କରାଇ ପାରିନାହିଁ । ସେତେବେଳେ ଏହି ଦଳ ଗଢ଼ି ପାରିବେକି ପାରିବେ ନାହିଁ, ଗୋଟିଏ ମୁହୂର୍ତ୍ତ ପାଇଁ ମଧ୍ୟ ଏକଥା ଭାବିବାକୁ ବସି ନାହାନ୍ତି । ଭାବିଲେ ବିସ୍ମୟ ଲାଗେ ଯେ ବିପ୍ଳବୀ ଚରିତ୍ରର କେଉଁ ସୁଦୃଢ଼ ଗଢ଼ଣ ଥିଲେ, ଯାହାକୁ ଆମେ ଏକନିଷ୍ଠ ଲକ୍ଷ୍ୟବୋଧ (tenacity of purpose) ବା ବୈପ୍ଳବିକ ଦୁଃସାହସ (Revolutionay audacity) ବୋଲି କହୁ, ମାତ୍ର କୋଡ଼ିଏ ବର୍ଷ

ବୟସରେ କଳ୍ପନାତୀତ  ପ୍ରତିକୂଳ ଅବସ୍ଥା ମଧ୍ୟରେ ଏହି ଦଳ ଗଢ଼ି ତୋଳିବା ପାଇଁ ସେଦିନ ଆଗେଇ ଆସିବା ତାଙ୍କ ପକ୍ଷେ କିଭଳି ସମ୍ଭବ ହୋଇପାରିଛି ।

ସତ୍ୟକୁ ଜୀବନରେ ପ୍ରୟୋଗ କରିବା କ୍ଷେତ୍ରରେ ଏହି ଅବିଚଳ ନିଷ୍ଠା ଓ ଦୃଢ଼ତା ଅଳ୍ପ ବୟସରୁ ତାଙ୍କ ଚରିତ୍ର ଭିତରେ ବିକାଶ ଲାଭ କରିଥିଲା । କୈଶୋରର ପ୍ରାରମ୍ଭରେ, ମାତ୍ର ତେର ବର୍ଷ ବୟସରେ ସେ ସମୟର ତାଙ୍କର ଉପଲବ୍ଧି ଅନୁଯାୟୀ ଯେଉଁଦିନ ବୁଝିଥିଲେ ଯେ, ଭାରତବର୍ଷର ସ୍ୱାଧୀନତା ସହିତ ସମାଜ ଅଗ୍ରଗତିର ପ୍ରଶ୍ନ ଜଡ଼ିତ ରହିଛି, ସେଦିନ ଏ ସିଦ୍ଧାନ୍ତ ନେବାକୁ ତାଙ୍କୁ ମୁହୂର୍ତ୍ତେ ସୁଦ୍ଧା ବିଳମ୍ବ ହୋଇନାହିଁ । ଘରଦ୍ୱାର, ପଢ଼ାଶୁଣା, କ୍ୟାରିୟର ସବୁ କିଛି ପରିତ୍ୟାଗ କରି ବିପ୍ଳବୀ ଅନୁଶୀଳନ ସମିତିର ଡାକରାରେ ସ୍ୱାଧୀନତା ସଂଗ୍ରାମରେ ସେ ଡେଇଁ ପଡ଼ିଥିଲେ । ସେଦିନ ବାପା ମା'ଙ୍କ ନୟନାଶ୍ରୁରେ ସମାଜର କୋଟି କୋଟି ବଞ୍ଚିତ ନିପୀଡ଼ିତ ବାପା ମା'ଙ୍କର ବେଦନାର୍ତ୍ତ ଅଶ୍ରୁକୁ ସେ ଦେଖିଥିଲେ ଏବଂ ସେହି ବେଦନାରୁ ସେ ତାଙ୍କ ଜୀବନରେ ଯେଉଁ କର୍ତ୍ତବ୍ୟ ନିର୍ଦ୍ଦେଶ ପାଇଥିଲେ, ତାକୁ ବୁଝିବାରେ ସେ ଭୁଲ କରି ନାହାନ୍ତି ।

ପୂର୍ବବଙ୍ଗର ଏକ ଅତ୍ୟନ୍ତ ଦରିଦ୍ର ନିମ୍ନ ମଧ୍ୟବିତ୍ତ ପିତାଙ୍କର ସେ ଥିଲେ ଜ୍ୟେଷ୍ଠ ପୁତ୍ର । ସ୍କୁଲରେ ସେ ଭଲ ଛାତ୍ର ଥିଲେ । ତାଙ୍କୁ କେନ୍ଦ୍ରକରି ବାପା ମାଆଙ୍କର କେତେ କାହିଁରେ ଆଶା ଗଢ଼ି ଉଠିଥିଲା । ବାପା ମାଆଙ୍କ ପ୍ରତି ମଧ୍ୟ ତାଙ୍କର ଥିଲା କି ଅସୀମ ଶ୍ରଦ୍ଧା । ସାଧାରଣତଃ ପିଲାବେଳର ପାରିବାରିକ ଜୀବନର କାହାଣୀ ସେ କେବେ କହୁନଥିଲେ । କିନ୍ତୁ କୌଣସି ପ୍ରସଙ୍ଗରେ ବାପାଙ୍କ କଥା ଉଠିଲେ, ଆବେଗରେ ତାଙ୍କର ଗଳା ରୁଦ୍ଧ ହୋଇଯାଉଥିଲା । ବାପା ମାଆଙ୍କ ପ୍ରତି ଏହି ଗଭୀର ଶ୍ରଦ୍ଧା ତାଙ୍କର ହୃଦୟ ମଥିତ କରି ଜନଗଣଙ୍କପ୍ରତି ଅକୃତ୍ରିମ ଶ୍ରଦ୍ଧାର ରୂପ ନେଇଥିଲା ।

ସତ୍ୟୋପଲବ୍ଧିକୁ ଜୀବନରେ ଅବିଚଳଭାବେ ପ୍ରୟୋଗ କରିବାର ଏହି ସଂଗ୍ରାମ ପରବର୍ତ୍ତୀ ଜୀବନରେ ତାଙ୍କୁ ଏପରି ବିରାଟ ମଣିଷରେ ପରିଣତ କରାଇଥିଲା । ଲକ୍ଷ୍ୟ ସାଧନ ପ୍ରତି ଅଟଳ ଓ ଅବିଚଳ ରହି କୌଣସି ଅବସ୍ଥାରେ ସେ ଅନ୍ଧ ଆନୁଗତ୍ୟକୁ ପ୍ରଶ୍ରୟ ଦେଇ ନାହାନ୍ତି । କୌଣସି ବିଷୟକୁ ଗ୍ରହଣ କରିବା ପୂର୍ବରୁ ସବୁବେଳେ ପ୍ରଥମେ ସେ ସଂଗ୍ରାମଲବ୍ଧ ଅଭିଜ୍ଞତା ଓ ଯୁକ୍ତିବିଜ୍ଞାନର ଆଲୋକରେ ତାହା ପରଖି ନେଉଥିଲେ । ସେଥିପାଇଁ ସ୍ୱାଧୀନତା ଆନ୍ଦୋଳନର ତଦାନୀନ୍ତନ ପରିବେଶରେ ନେତାମାନଙ୍କ ସହ ଯୁକ୍ତିତର୍କ କରିବା ଯେତେବେଳେ କେହି କଳ୍ପନାରେ ସୁଦ୍ଧା ଭାବି

ପାରୁନଥିଲେ, ସେ କିନ୍ତୁ ନେତାମାନଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧା ଓ ସମ୍ମାନ ଦେଖାଇ ସେମାନଙ୍କ ସହ ତର୍କ କରିବା ପାଇଁ ତିଳେ ମାତ୍ର କୁଣ୍ଠା ପ୍ରକାଶ କରି ନାହାନ୍ତି । ପୁଣି ଏହି ଯୁକ୍ତି ତର୍କ ଭିତର ଦେଇ ଥରେ ଯାହାକୁ ସତ୍ୟ ବୋଲି ଗ୍ରହଣ କରୁଥିଲେ, ତାକୁ ଜୀବନରେ ପ୍ରୟୋଗ କରିବା କ୍ଷେତ୍ରରେ ସେ ଏକାଭଳି ନିରଳସ ସଂଗ୍ରାମ କରିଥିଲେ ।

ପରବର୍ତ୍ତୀ ସମୟରେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଭିତରେ ନେତୃତ୍ୱ ପ୍ରତି କର୍ମୀମାନଙ୍କର ଅନ୍ଧ ଆନୁଗତ୍ୟ ଯେପରି କୌଣସି ମତେ ସୃଷ୍ଟି ନ ହୁଏ, ସେଥିପାଇଁ ସଚେତନ ବିରାମହୀନ ସଂଗ୍ରାମ ସେ ପରିଚାଳନା କରିଛନ୍ତି । ସେ କର୍ମୀମାନଙ୍କୁ କହୁଥିଲେ ନେତାମାନଙ୍କୁ ମଧ୍ୟ ବିଚାର କରିବାକୁ ହେବ । ପୁଣି କହୁଥିଲେ, ଦଳ ଭିତରେ ଯୁକ୍ତି ତର୍କର ଅନୁଶୀଳନ ବନ୍ଦ କରି ଅନ୍ଧ ଆନୁଗତ୍ୟକୁ ପ୍ରଶ୍ରୟ ଦେଲେ କେବଳ ଯେ, କର୍ମୀମାନଙ୍କର ଅଧଃପତନ ଘଟିବ, ତା' ନୁହେଁ, ଦିନେ ଯିଏ ସର୍ବୋଚ୍ଚ ନେତା ଥିଲେ, ତାଙ୍କର ମଧ୍ୟ ଅଧଃପତନ ଘଟିବ । ତେଣୁ ତାଙ୍କର ବକ୍ତବ୍ୟ ଥିଲା ନେତାମାନଙ୍କୁ ମଧ୍ୟ କ୍ରମାଗତ ବିକାଶ ପଥରେ ଆଗେଇବାକୁ ହେଲେ ଦଳ ଭିତରେ ନିରନ୍ତର ଯୁକ୍ତିତର୍କ ଅନୁଶୀଳନକୁ ସଚେତନ ସଂଗ୍ରାମ ଦ୍ୱାରା ବଜାୟ ରଖିବାକୁ ପଡ଼ିବ । କିନ୍ତୁ ସେ କହୁଥିଲେ, ଏହି ଯୁକ୍ତିତର୍କ ପରିଚାଳନା କ୍ଷେତ୍ରରେ ପ୍ରତ୍ୟେକଙ୍କୁ ଅହଂବୋଧ (ego) ରୁ ମୁକ୍ତ ହୋଇ ଯୁକ୍ତି କରିବାକୁ ପଡ଼ିବ । ଏ କ୍ଷେତ୍ରରେ କର୍ମୀମାନଙ୍କୁ ବାରମ୍ବାର ସତର୍କ କରି କହୁଥିଲେ ଯେ 'ଏହି ଅହଂବୋଧର ଆକାର ଯେତେ କ୍ଷୁଦ୍ର ହେଉନା କାହିଁକି, ଏହା ଯଦି କାହା ମଧ୍ୟରେ ରହିଯାଏ ତେବେ ଦିନେ ନା ଦିନେ ତା' ମଧ୍ୟରୁ ରାଜନୈତିକ ସୁବିଧାବାଦ, ଉଗ୍ରତା ଓ ସଂଶୋଧନବାଦ ଜନ୍ମ ନିଏ' । ଆଉ ପୁଣି କହୁଥିଲେ, 'ବକ୍ତବ୍ୟ ଉପସ୍ଥାପନ କରିବା କ୍ଷେତ୍ରରେ କ୍ଷମତାର ତାରତମ୍ୟ ଯୋଗୁ ବିଭିନ୍ନ କର୍ମୀମାନଙ୍କର ବାହ୍ୟ ପ୍ରକାଶଭଙ୍ଗୀମା ମଧ୍ୟରେ ଯେଉଁ ତାରତମ୍ୟ ଦେଖା ଦେଇଥାଏ, ସେଥିପ୍ରତି ଗୁରୁତ୍ୱ ଆରୋପ ନକରି ସର୍ବଦା ବକ୍ତବ୍ୟର ଅନ୍ତର୍ନିହିତ ଯୁକ୍ତିକୁ ଗ୍ରହଣ କରିବାକୁ ହେବ' ।

ଯୁକ୍ତି ଦ୍ୱାରା ସବୁକିଛି ଗ୍ରହଣ କରିବା ଏବଂ ସତ୍ୟକୁ ଜାଣିବା ଓ ତାକୁ ଜୀବନରେ ପ୍ରୟୋଗ କରିବାର ଯେଉଁ ଚାରିତ୍ରିକ ଗୁଣ ଓ ସଂଗ୍ରାମ ତାଙ୍କର ଥିଲା, ତାହା ହିଁ ତାଙ୍କୁ ମାର୍କ୍ସବାଦୀ ଦର୍ଶନ ପ୍ରତି ଏବଂ ତା'ର ଦ୍ୱନ୍ଦ୍ୱମୂଳକ ବିଚାରପଦ୍ଧତି ପ୍ରତି ଗଭୀରଭାବେ ଆକୃଷ୍ଟ କରିଥିଲା । ଫଳତଃ, ଅନୁଶୀଳନ ସମିତିରୁ ଗୋଟିଏ ଗୋଷ୍ଠୀ ବାହାରି ଆସି ୧୯୪୦ ସାଲରେ ଯେତେବେଳେ ଆର.ଏସ୍.ପି ନାମକ ଏକ ମାର୍କ୍ସମାଦୀ–

ଲେନିନ୍‌ବାଦୀ ଦଳ ଗଢ଼ିବାର ପ୍ରସ୍ତୁତି କରାହେଲା, ସେ ତାହା ସହ ଜଡ଼ିତ ଥିଲେ । କିନ୍ତୁ ଅଳ୍ପ କେତେଦିନ ପରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରିପ୍ରେକ୍ଷୀରେ ସାମ୍ରାଜ୍ୟବାଦୀ ଶାସକଗୋଷ୍ଠୀ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ କାରାରୁଦ୍ଧ କରିବା ଅଭିଯାନ ଆରମ୍ଭ କରିଦେଲେ । ବହୁ ନେତା ଓ କର୍ମୀ ଗିରଫ ହେଲେ ଏବଂ ଅନେକ ଆତ୍ମଗୋପନ କଲେ । କମ୍ରେଡ ଶିବଦାସ ଘୋଷ ସଂଗଠନର ଦାୟିତ୍ୱ ନେଇ ଢ଼ାକାରୁ କଲିକତା ଚାଲି ଆସିଲେ ଏବଂ ଅଗଷ୍ଟ ଆନ୍ଦୋଳନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କଲେ । ଅବଶେଷରେ ୧୯୪୨ ମସିହାରେ ଆତ୍ମଗୋପନକାଳୀନ ଅବସ୍ଥାରେ ସେ ଗିରଫ ହୋଇ ଜେଲ ଗଲେ । ଦୀର୍ଘ ତିନିବର୍ଷ କାଳ ସେ ବ୍ରିଟିଶ୍ କାରାଗାରରେ ବନ୍ଦୀ ଥିଲେ । ଏହି ଜେଲ୍ ଭିତରେ ମାର୍କ୍ସବାଦୀ ପାର୍ଟି ଗଠନର ସଠିକ ବୈଜ୍ଞାନିକ ପଦ୍ଧତିରେ ଆର.ଏସ୍.ପି କୁ ଗଢ଼ିତୋଳିବା ପାଇଁ ସେ ତୀବ୍ର ସଂଗ୍ରାମ ଆରମ୍ଭ କଲେ ।

ଅଳ୍ପ ବୟସରୁ ଗୋଟିଏ ମହତ୍ ମୂଲ୍ୟବୋଧର ଧାରଣା ତାଙ୍କ ଭିତରେ କାମ କରୁଥିଲା, ତା' ହେଉଛି, ସେ ନିଜେ ଅନ୍ୟକୁ ଯାହା କହୁଥିଲେ, ସର୍ବପ୍ରଥମେ ନିଜ ଜୀବନରେ ତାହା ପ୍ରୟୋଗ କରୁଥିଲେ । ତାଙ୍କ ଜୀବନର ପ୍ରତିଟି ଆଚରଣ ସେହି ସାକ୍ଷ୍ୟ ବହନ କରେ । ଉପବାସକ୍ଲିଷ୍ଟ, ଅଭାବଗ୍ରସ୍ତ ବାପା, ମାଆ, ସ୍ତ୍ରୀ, ପୁତ୍ର ସବୁପ୍ରକାର ସମସ୍ୟା ତାଙ୍କ ଜୀବନରେ ଆସିଛି, କିନ୍ତୁ ବିପ୍ଳବ ପ୍ରତି ଆନୁଗତ୍ୟବୋଧରୁ ତାଙ୍କ ଭିତରେ ଯେଉଁ ଉପଲବ୍ଧି ଗଢ଼ି ଉଠିଥିଲା, ସାହସର ସହିତ ଆପୋଷହୀନ ଭାବେ ନିଜ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ତାହା ସେ ପ୍ରୟୋଗ କରିଯାଇଛନ୍ତି । ଉନ୍ନତ ବିପ୍ଳବୀ ଚେତନା ଭିତ୍ତିରେ ପରିଚାଳିତ ନିଜର ଏହି ସଂଗ୍ରାମଲବ୍ଧ ଅଭିଜ୍ଞତାରୁ ଆହରିତ ସତ୍ୟଗୁଡ଼ିକୁ ସେ ପରବର୍ତ୍ତୀକାଳରେ ବିପ୍ଳବୀମାନଙ୍କର ଆଚରଣବିଧିଭାବେ ଉପସ୍ଥାପିତ କରିଛନ୍ତି, ଯାହାକି ବର୍ତ୍ତମାନର ଚରମ ପ୍ରତିକ୍ରିୟାଶୀଳ ବ୍ୟକ୍ତିବାଦ ଯୁଗରେ କମ୍ୟୁନିଷ୍ଟ ଚରିତ୍ର ଅର୍ଜନରେ ଏକ ସଂପୂର୍ଣ୍ଣ ନୂତନ ଦୃଷ୍ଟିଭଙ୍ଗୀ ଦେଇପାରିଛି ।

ଏ ଦେଶର କମ୍ୟୁନିଷ୍ଟ ପାର୍ଟି ନାମଧାରୀ ଦଳଟି ଯେ ଏକ ସଠିକ ଶ୍ରମିକ ଶ୍ରେଣୀର ଦଳଭାବେ ଗଢ଼ି ଉଠିପାରି ନାହିଁ, ତାଙ୍କ ପକ୍ଷେ ଏହା ଜାଣିବା ମୂଳରେ ବହୁ କାରଣ ଭିତରୁ ଗୋଟିଏ ହେଲା, ଏହି ଦଳର ନେତାମାନଙ୍କର ବ୍ୟକ୍ତିଗତ ଜୀବନ କମ୍ୟୁନିଷ୍ଟମାନଙ୍କ ଭଳି ନୁହେଁ । ସେ କହୁଥିଲେ, "ଏହିସବୁ ନେତାମାନେ ଦେଶର ଯୁବକ-ଯୁବତୀ ଓ ଛାତ୍ରମାନଙ୍କୁ ବିପ୍ଳବ ପାଇଁ ଆହ୍ୱାନ କରନ୍ତି, ସେମାନଙ୍କୁ କହନ୍ତି ଲଢ଼େଇ କର, ଜେଲ ଯାଅ, ଲାଠିଖାଅ, ଗୁଳିଖାଅ, କିନ୍ତୁ ନିଜ ପିଲାପିଲିଙ୍କୁ ସେମାନେ

କହନ୍ତି ଭଲକରି ଲେଖାପଢ଼ା ଶିଖି ଆଗେ ମଣିଷ ହୁଅ, ତା'ପରେ ଯାହା ଭଲ ବୁଝିବ କରିବ । ସେମାନେ ନିଜ ପୁଅ ପାଇଁ ଭଲ ଚାକିରୀ ଓ ଝିଅ ପାଇଁ ଭଲ ପାତ୍ର ଖୋଜନ୍ତି କିନ୍ତୁ ଦେଶର ପୁଅ ଝିଅଙ୍କୁ ବିପ୍ଳବ ପାଇଁ ଲଢ଼ିବାକୁ କହନ୍ତି ।" "ନେତାମାନଙ୍କର ଏହି ସବୁ ଭଣ୍ଡାମୀ ପାଇଁ ଏତେବଡ ଗୋଟେ ମହାନ ଆଦର୍ଶ କେବଳ ମାତ୍ର ଅର୍ଥନୈତିକ ଦାବି ଆଦାୟ ଆନ୍ଦୋଳନର ଚୌହଦୀ ମଧ୍ୟରେ ଆବଦ୍ଧ ହୋଇଗଲା । ଫଳରେ ଏହା ଆଜି ପର୍ଯ୍ୟନ୍ତ ବି ଦେଶର ଲୋକଙ୍କୁ ବିପ୍ଳବୀ ପ୍ରେରଣାରେ ସେଭଳି ଭାବେ ଉଦ୍‌ବୁଦ୍ଧ କରିପାରି ନାହିଁ ।"

ଯେପରି ସେ ମାନବେନ୍ଦ୍ର ରାୟଙ୍କ ପାଣ୍ଡିତ୍ୟ ସଂପର୍କରେ କହିଛନ୍ତି, ଭାରତ ବର୍ଷରେ ମାର୍କ୍ସବାଦର ତତ୍ତ୍ୱଗତ ଦିଗକୁ ଯଦି କେବେ କେହି କିଛି ଦେବାର ଚେଷ୍ଟା କରିଛନ୍ତି ତେବେ ସେ ହେଉଛନ୍ତି ମାନବେନ୍ଦ୍ର ରାୟ ଏବଂ ପାଣ୍ଡିତ୍ୟର ଗଭୀରତା ଦିଗରୁ ବିଚାର କଲେ ତାଙ୍କ ମଧ୍ୟରେ ହିଁ ଏ ଦିଗରେ ଉଜ୍ଜ୍ୱଳ ସମ୍ଭାବନା ଥିଲା । କିନ୍ତୁ ଆଦର୍ଶ ସହିତ ବ୍ୟକ୍ତିଗତ ଜୀବନର ଆଚରଣର ଅସଂଗତି ଏକ୍ଷ୍ୟକରି ତାଙ୍କର ମାନବେନ୍ଦ୍ର ରାୟଙ୍କ ପ୍ରତି କୌଣସି ମୋହ ଗଢ଼ି ଉଠିନଥିଲା । ମନେପଡେ, ଏମ୍.ଏନ୍. ରାୟଙ୍କ ସଂପର୍କରେ କଥା ପଡ଼ିଲେ ହିଁ ସେ କହୁଥିଲେ, "ହଁ କମ୍ୟୁନିଷ୍ଟ ତ ! କିନ୍ତୁ କି ଧରଣର ଜୀବନଯାପନ କରନ୍ତି !" ଏଇ କ୍ଷେତ୍ରରେ ତାଙ୍କର ମୂଲ୍ୟବୋଧର ସ୍ୱରଟି ଖୁବ୍ ଉଚ୍ଚ ସ୍ତରରେ ଥିଲା ଏବଂ କୌଣସି ସମୟରେ ଏହା ବୁଝିବାରେ ତାଙ୍କର ଭୁଲ ହୋଇନାହିଁ ।

ଜୀବନର ଆଚରଣ କ୍ଷେତ୍ରରେ ଦୋମୁହାଁ ନୀତିକୁ ସେ ତୀବ୍ର ଘୃଣା କରୁଥିଲେ । ଆମ ଦେଶର ତଥାକଥିତ କମ୍ୟୁନିଷ୍ଟ ନେତାମାନଙ୍କୁ ସମାଲୋଚନା କରିବାକୁ ଯାଇ ସେ କହୁଥିଲେ, ସେମାନଙ୍କ ମଧ୍ୟରେ ଏପରି ଅନେକ ନେତା ଅଛନ୍ତି, ଯାହାଙ୍କର ବ୍ୟକ୍ତିଗତ ସଂପତ୍ତି ଅଛି, ଘର ଅଛି, ନିଜସ୍ୱ ଗାଡ଼ି ଅଛି ଏବଂ ନିତିଦିନିଆ କାରବାର ପାଇଁ ପୋଷାକ ପର୍ଯ୍ୟାପ୍ତ ପରିମାଣରେ ଥାଇ ସୁଦ୍ଧା ବିଲାତ ଯିବା ଓ ଟି ପାର୍ଟିରେ ଯୋଗଦେବା ପାଇଁ ଘରେ ଅଲଗା ପୋଷାକ ସାଇତି ରଖା ହୋଇଛି । ଅଥଚ, ସେମାନେ ସାଧାରଣ ଲୋକ, ଶ୍ରମିକ ଓ ଚାଷୀମାନଙ୍କ ପାଖକୁ ଯାଆନ୍ତି ସାଧାରଣ ପୋଷାକ ପିନ୍ଧି, ଯେପରିକି ସେମାନେ ବିରାଟ ତ୍ୟାଗୀ ପୁରୁଷ । ପୁଣି କହୁଥିଲେ, "ଏଭଳି ବୁର୍ଜୁଆ 'ହିପୋକ୍ରାଟ' ମାନଙ୍କ ପରି ଶ୍ରମିକମାନଙ୍କ ନିକଟରେ ବ୍ୟକ୍ତିଗତ ଜୀବନକୁ ଲୁଚେଇ ରଖି ମହାତ୍ୟାଗୀ ପୁରୁଷ ସାଜିବାର ଅର୍ଥ କ'ଣ? ଏହା'ତ

ଶ୍ରମିକମାନଙ୍କୁ ଠକିବା, ଦେଶର ଜନସାଧାରଣଙ୍କୁ ଠକିବା ।"

ଏଥିଯୋଗୁଁ ଦେଶର ବିପ୍ଳବୀ କର୍ମୀମାନଙ୍କୁ ଓ ଶ୍ରମିକମାନଙ୍କୁ ସେ ବାରମ୍ବାର କହିଛନ୍ତି "ଏଇ ବିପ୍ଳବୀ ତତ୍ତ୍ୱ ସେମାନଙ୍କ ପାଖରୁ ହିଁ ଶିଖିବାକୁ ପଡ଼ିବ, ଯେଉଁମାନେ କି ମାର୍କ୍ସବାଦ-ଲେନିନ୍‌ବାଦର ନୀତି ଅନୁଯାୟୀ ବ୍ୟକ୍ତଗତ ଜୀବନକୁ ପରିଚାଳିତ କରିବା ପାଇଁ ଚେଷ୍ଟା କରୁଛନ୍ତି, ସଂଗ୍ରାମ ଚଳାଇଛନ୍ତି ଓ ସଫଳ ହୋଇଛନ୍ତି । ଯେଉଁମାନେ ବ୍ୟକ୍ତିଗତ ଜୀବନ, ଆଚାର, ରୁଚି, ଅଭ୍ୟାସ ଆଦି କ୍ଷେତ୍ରରେ ଏବେ ସୁଦ୍ଧା ବୁର୍ଜୁଆ ସଂସ୍କୃତିର ଶୀକାର (victim), ସେମାନଙ୍କ ପାଖରୁ ମାର୍କ୍ସବାଦ-ଲେନିନ୍‌ବାଦ ଶିଖିବେ ନାହିଁ । କାରଣ ସେମାନେ ମାର୍କ୍ସବାଦ ନାଁରେ ଯାହା ଶିଖାନ୍ତି, ତାହା ପ୍ରକୃତରେ ଭୁଲ ଶିକ୍ଷା । ରାଜନୈତିକ ବାକ୍‌ଚାତୁରୀର ବାହାରେ ବ୍ୟକ୍ତିଗତ ଆଚରଣ କ୍ଷେତ୍ରରେ ଯାହା ମନଇଚ୍ଛା ଆଚରର କରିପାରନ୍ତି, ସଂସ୍କୃତିଗତ କ୍ଷେତ୍ରରେ ଯେ କୌଣସି ନେତା ଓ କର୍ମୀ ଯାହା ଇଚ୍ଛା ବ୍ୟାଖ୍ୟା ଦିଅନ୍ତି, ଏହାସବୁ ଗୋଟିଏ ପେଟିବୁର୍ଜୁଆ ପାର୍ଟି ଭିତରେ ଚାଲିପାରେ, ମାର୍କ୍ସବାଦୀ ପାର୍ଟିରେ ଏପରି ଚାଲିବାର ରୀତି ନାହିଁ ଓ ଏଭଳି ରୀତି କେବେ ହେଁ ରହି ପାରେନା ଏବଂ ଯେଉଁ ପାର୍ଟି ମାର୍କ୍ସବାଦର ଦ୍ୱାହି ଦେଇ ଏଭଳି ଆଚରଣ କରେ ବୁଝିବାକୁ ହେବ, ସେ ପାର୍ଟି ପ୍ରକୃତରେ ମାର୍କ୍ସବାଦର ଲେବୁଲମାରି ଏକ ପେଟି ବୁର୍ଜଆ ପାର୍ଟି ।"

ଏହି ଉପଲବ୍ଧିର ତତ୍‌କାଳୀନ ସ୍ତରରେ ସେ ମୂଳରୁ ଆ.ଏସ୍.ପି ଭିତରେ ଏହି ପ୍ରଶ୍ନ ଉତ୍‌ଥାପନ କଲେ ଓ କହିଲେ, ଏହି ନୂତନ ପାର୍ଟି ଗଢ଼ିବାର ସଂଗ୍ରାମରେ ଯେଉଁମାନେ ଆଗେଇ ଆସିବେ, ସେମାନଙ୍କୁ ସର୍ବପ୍ରଥମେ ମାର୍କ୍ସବାଦୀ-ଲେନିନ୍‌ବାଦୀ ଆଦର୍ଶ ଭିତ୍ତିରେ ଓ ପଦ୍ଧତିରେ ନିଜ ଜୀବନର ସବୁ ଦିଗକୁ ପରିବ୍ୟାପ୍ତ କରି କମ୍ୟୁନିଷ୍ଟ ଚରିତ୍ର ଅର୍ଜନର ସଂଗ୍ରାମରେ ଲିପ୍ତ ହେବାକୁ ପଡ଼ିବ । କାରଣ ସେ କହୁଥିଲେ, ଆମେ ଯେଉଁମାନେ ଏହି ପାର୍ଟି ଗଠନ ପାଇଁ ଆଗେଇ ଆସିଛୁ, ସେମାନେ ସମସ୍ତେ ଏତେ ଦିନ ଧରି ସ୍ୱାଧୀନତା ଆନ୍ଦୋଳନ ଭିତରେ ଜାତୀୟତାବାଦୀ ପେଟିବୁର୍ଜୁଆ ଭାବଧାରା ଦ୍ୱାରା ପରିଚାଳିତ ହୋଇଛୁ ଏବଂ ତା'ର ଭିତ୍ତିରେ ଆମମାନଙ୍କର ଚିନ୍ତା ପଦ୍ଧତି, ଆମମାନଙ୍କର ରୁଚି-ସଂସ୍କୃତିର ଧାରଣା ଏବଂ ମାନସିକ ଜଗତ ଗଢ଼ିଉଠିଛି । ଫଳତଃ ମାର୍କ୍ସବାଦ ଓ ସର୍ବହରା ଆନ୍ତର୍ଜାତିକତାବାଦର ଭାବଧାରା ଭିତ୍ତିରେ ଓ ପଦ୍ଧତିରେ ଏହି ନୂତନ ପାର୍ଟିକୁ ଗଢ଼ି ତୋଳିବାକୁ ହେଲେ ପ୍ରଥମେ କଠୋର ସଂଗ୍ରାମ ଦ୍ୱାରା

ମାର୍କ୍ସବାଦୀ ଦୃଷ୍ଟିଭଙ୍ଗୀ, ଚିନ୍ତାପଦ୍ଧତି ଏବଂ ମାନସିକ ଢ଼ାଞ୍ଚାକୁ ହିଁ ଆମକୁ ଗଢ଼ିତୋଳିବାକୁ ହେବ । ନଚେତ୍ ମାର୍କ୍ସବାଦ-ଲେନିନ୍‌ବାଦର କଥା କହି ଓ ଗଭୀର ସଦିଚ୍ଛା ଥାଇ ମଧ୍ୟ ଭୁଲ ପଦ୍ଧତି ଅନୁସରଣ ଫଳରେ ଅନ୍ୟାନ୍ୟ ଦଳଗୁଡ଼ିକ ଐତିହାସିକଭାବେ ଯେପରି ପେଟି ବୁର୍ଜୁଆ ଶ୍ରେଣୀର ଦଳରେ ପରିଣତ ହୋଇଛନ୍ତି, ଆମ କ୍ଷେତ୍ରରେ ତାହା ହିଁ ଅବଶ୍ୟମ୍ଭାବୀ ରୂପେ ଘଟିବ । ଏହି ଉପଲବ୍ଧି ଭିତ୍ତିରେ ସେ ତାଙ୍କର ପୁରୁଣା ନେତାମାନଙ୍କୁ ସଶ୍ରଦ୍ଧଭାବେ କହୁଥିଲେ, ଆପଣମାନଙ୍କର ଉନ୍ନତ ଚରିତ୍ର ଦ୍ୱାରା ଆକୃଷ୍ଟ ଏବଂ ଅନୁପ୍ରାଣିତ ହୋଇ ଆମେମାନେ ସ୍ୱାଧୀନତା ଆନ୍ଦୋଳନକୁ ଆସିଛୁ । ଆପଣମାନଙ୍କୁ ମୁଁ ମନପ୍ରାଣରେ ଗଭୀରଭାବ ସମ୍ମାନ କରେ ଏବଂ ଆମୃତ୍ୟୁ ଆପଣମାନଙ୍କ ପ୍ରତି ମୋର ସମ୍ମାନ ଅବିଚଳ ରହିବ । କିନ୍ତୁ ସର୍ବହରାଶ୍ରେଣୀର ଯେଉଁ ପ୍ରକୃତ ବିପ୍ଳବୀ ଦଳ ଗଢ଼ିବା ପାଇଁ ଆମେ ବ୍ରତୀ ହୋଇଛୁ, ସେଥିରେ ଯୋଗଦେବାକୁ ହେଲେ ଆପଣମାନଙ୍କୁ ମଧ୍ୟ ଏହି ସଂଗ୍ରାମରେ ଲିପ୍ତ ହେବାକୁ ପଡ଼ିବ ଏବଂ ଏଇ ସଂଗ୍ରାମରେ ଉତ୍ତୀର୍ଣ୍ଣ ହେବାର ପ୍ରକ୍ରିୟା ମଧ୍ୟ ଦେଇ ଏହି ଦଳର ନେତୃପଦରେ ଅଧିଷ୍ଠିତ ହେବାର ଯୋଗ୍ୟତା ଆପଣମାନେ ଅର୍ଜନ କରିବାକୁ ସକ୍ଷମ ହେବେ ।

ଏହି ବିପ୍ଳବୀ ଚିନ୍ତାଧାରା ଭିତ୍ତିରେ, ଜେଲ ଭିତରେ ଗୋଟିଏ ପ୍ରକୃତ ମାର୍କ୍ସବାଦୀ-ଲେନିନ୍‌ବାଦୀ ଦଳ ଗଠନର ପ୍ରାଥମିକ ପ୍ରସ୍ତୁତି ଗଢ଼ିତୋଳିବାର କଠୋର ଏବଂ ନିରଳସ ସଂଗ୍ରାମ ସେ ଆରମ୍ଭ କରିଥିଲେ । ଦିନ ରାତି ସେ ଯେ କି କଠୋର ପରିଶ୍ରମ କରିଛନ୍ତି, ତାହା ଯେଉଁମାନେ ଦେଖି ନାହାନ୍ତି, ସେମାନଙ୍କ ପକ୍ଷରେ ଏହା ବିଶ୍ୱାସ କରିବା ଦୁରୂହ । ଦିନ ପରେ ଦିନ ଅନ୍ୟମାନେ ଖାଇପିଇ ବିଶ୍ରାମ କରନ୍ତି, କିନ୍ତୁ ତାଙ୍କର ଭାତ ଶୁଖି ନଷ୍ଟ ହୁଏ । ରାତି ରାତି ଅନିଦ୍ରାରେ ସେ କଟାଇଛନ୍ତି । ତାଙ୍କର ଲୁଗାପଟା ଅନ୍ୟମାନେ ଯତ୍ନନେଲେ ରହେ, ନଚେତ ରହେନାହିଁ । ଏସବୁ ବିଷୟରେ ତାଙ୍କର ନିଜର କୌଣସି ଭୃକ୍ଷେପ ନ ଥିଲା । ପ୍ରଖର ମେଧାବୀ ଛାତ୍ର ରୂପେ ସୁନାମ ଥିବାରୁ ସମସ୍ତେ ତାଙ୍କୁ ପରୀକ୍ଷା ଦେବାକୁ ବାରମ୍ବାର ଅନୁରୋଧ କହିଛନ୍ତି । ନେତାମାନେ ତାଙ୍କୁ କହିଛନ୍ତି, ଜେଲଭିତରେ ବହୁ ରାଜନୈତିକ ବନ୍ଦୀ ପଢ଼ାଶୁଣା କରି ପରୀକ୍ଷା ଦେଇ ଡ଼ିଗ୍ରୀ ମଧ୍ୟ ହାସଲ କରିଛନ୍ତି । କିନ୍ତୁ ବିପ୍ଳବ ଓ ସର୍ବହରାଶ୍ରେଣୀର ଦଳ ଗଢ଼ିତୋଳିବାର ପ୍ରଚେଷ୍ଟା ଛଡ଼ା ତାଙ୍କ ମନରେ ଆଉ କିଛି ଭାବନା ସ୍ଥାନ ପାଇ ପାରିନଥିଲା । ଏକାଗ୍ର ଚିତ୍ତରେ କେବଳ ମାର୍କ୍ସବାଦୀ-ଲେନିନ୍‌ବାଦୀ

ଦଳ ଗଠନର ସ୍ଥିର ଲକ୍ଷ୍ୟକୁ ଆଗରେ ରଖି ସଚେତନ ଭାବେ କଠୋର ସଂଗ୍ରାମ ସେ କରି ଯାଇଛନ୍ତି ।

ଜେଲ୍‌ରୁ ୧୯୪୫ ସାଲରେ ବାହାରିବା ପରେ ବି ସର୍ବହରା ଶ୍ରେଣୀର ପ୍ରକୃତ ସାମ୍ୟବାଦୀ ଦଳ ଗଠନର ଏହି ଗୋଟିଏ ମାତ୍ର ବିପ୍ଳବୀ ଉଦ୍ଦେଶ୍ୟ ଓ ଲକ୍ଷ୍ୟକୁ ଆଗରେ ରଖି ନିରବଚ୍ଛିନ୍ନ ସଚେତନ ସଂଗ୍ରାମ ସେ ଚଳାଇ ଯାଇଛନ୍ତି । କିନ୍ତୁ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦର ବିଚାର ବିଶ୍ଳେଷଣ ପଦ୍ଧତି ଅନୁଯାୟୀ ସର୍ବବ୍ୟାପକ ତତ୍ତ୍ୱଗତ ଓ ଆଦର୍ଶଗତ ସଂଗ୍ରାମ ପରିଚାଳନା କରିବା ମାଧ୍ୟମରେ ଧୀରେ ଧୀରେ କର୍ମୀ ଓ ସଭ୍ୟମାନଙ୍କ ମଧ୍ୟରେ uniformity of thinking, one process of thinking, oneness in approach ଏବଂ singleness of purpose(ଚିନ୍ତାର ଐକ୍ୟ, ଗୋଟିଏ ଚିନ୍ତାପ୍ରକ୍ରିୟା, ଅଭିନ୍ନ ଦୃଷ୍ଟିଭଙ୍ଗୀ ଓ ଏକ ଉଦ୍ଦେଶ୍ୟବୋଧ) ଗଢ଼ିତୋଳିବା ମାଧ୍ୟମରେ ଆର.ଏସ୍.ପି କୁ ଗୋଟିଏ ପ୍ରକୃତ ମାର୍କ୍ସବାଦୀ-ଲେନିନ୍‌ବାଦୀ ପାର୍ଟିର ରୂପ ଦେବା ପାଇଁ ଯେଉଁ ସଂଗ୍ରାମ ସେ ଆରମ୍ଭ କରିଥିଲେ, ତାହା ଆର.ଏସ୍.ପି ରେ ସଫଳ ହୋଇପାରିଲାନାହିଁ । କିନ୍ତୁ ଜେଲ ଭିତରେ ଏବଂ ବାହାରେ ତୀବ୍ର ଆଦର୍ଶଗତ ସଂଗ୍ରାମ ପରିଚାଳନା ଜରିଆରେ ଆଦର୍ଶଗତ କେନ୍ଦ୍ରୀକତା ଗଢ଼ିତୋଳିବାର ଏହି ପକ୍ରିୟାରେ ଦଳେ professional revolutionary (ପ୍ରଫେସନାଲ ବିପ୍ଳବୀ) ସୃଷ୍ଟି କରିବାର ଯେଉଁ ସଂଗ୍ରାମ ସେ ଆରମ୍ଭ କରିଥିଲେ, ତାହାରି ମଧ୍ୟ ଦେଇ ସେ ଅଳ୍ପ କେତେକ ସଚେତନ ବିପ୍ଳବୀ କର୍ମୀ ପାଇଥିଲେ ଏବଂ ସେମାନଙ୍କୁ ନେଇ, ଏଇ ସଂଗ୍ରାମର ଧାରାବାହିକତାରେ ଆର.ଏସ୍.ପି ସହିତ ଛେଦ ଘଟାଇ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଦଳ ପ୍ରତିଷ୍ଠା କଲେ ।

ଏଥର ଆରମ୍ଭ ହେଲା, ଆହୁରି ଏକ ଭୟାନକ କଠୋର ସଂଗ୍ରାମର ଅଧ୍ୟାୟ । ସେତେବେଳେ ଚରମ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ମାତ୍ର କେଇଜଣ ବିପ୍ଳବୀ ସହକର୍ମୀମାନଙ୍କୁ ନେଇ ଯେଉଁ ଅକଳ୍ପନୀୟ ସଂଗ୍ରାମ ପରିଚାଳନା କରି ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)କୁ ଗଢ଼ିତୋଳିବା ପାଇଁ ଆଗେଇ ଆସିଥିଲେ, ଆଜିର ପରିସ୍ଥିତିରେ ତାହା ବିଶ୍ୱାସ କରିହେବନି ଏବଂ ଦୁନିଆର ବିଭିନ୍ନ କମ୍ୟୁନିଷ୍ଟ ପାର୍ଟିର ଇତିହାସରେ ଏହା ବିରଳ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଘର ନାହିଁ, ଆଶ୍ରୟ ନାହିଁ, ଖାଇବାର ବ୍ୟବସ୍ଥା ନାହିଁ, ପିନ୍ଧିବାପାଇଁ ଲୁଗାପଟା

ନାହିଁ, କେବଳ ଥିଲା-ନୂଆକରି ସର୍ବହରାଶ୍ରେଣୀର ଗୋଟିଏ ବିପ୍ଳବୀ ଦଳ ଗଢ଼ିବାପାଇଁ ଦୃଢ଼ ପ୍ରତ୍ୟୟ ଓ ତାହା ଭିତରେ ଅନମନୀୟ ସଂକଳ୍ପ । ଆଉ ଥିଲେ ନିଷ୍ଠାବାନ ମୁଷ୍ଟିମେୟ ତାଙ୍କ ଭଳି ସହାୟ ସମ୍ବଳହୀନ ଓ ଅଖ୍ୟାତ, ଅଜ୍ଞାତ କେତେଜଣ ସହକର୍ମୀ । ବିଶାଳ ଭାରତବର୍ଷ ଏବଂ ସୀମାହୀନ ପ୍ରତିକୂଳ ପରିସ୍ଥିତିର ପରିପ୍ରେକ୍ଷୀରେ ଏହି ନଗଣ୍ୟ ଶକ୍ତି ଏବଂ ସମ୍ବଳ ନେଇ ବିପ୍ଳବୀ ଦଳ ଗଢ଼ିତୋଳିବା ଏବଂ ତା'ରି ଭିତ୍ତିରେ ଭାରତବର୍ଷରେ ବିପ୍ଳବ ସଫଳ କରିବାର ଏହି ପ୍ରଚେଷ୍ଟାକୁ ସେଦିନ ସମସ୍ତେ ଉପହାସ କରିଛନ୍ତି, ବିଦ୍ରୂପ କରିଛନ୍ତି ଓ ପାଗଳାମି କହି ଉପେକ୍ଷା କରିଛନ୍ତି ।

ଦେଶରେ ସେତେବେଳେ ଅବିଭକ୍ତ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଥିଲା । ଆନ୍ତର୍ଜାତିକ କମ୍ୟୁନିଷ୍ଟ ନେତୃତ୍ୱର ସ୍ୱୀକୃତି ପାଇ ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନର ସମସ୍ତ ଗୌରବ ସେମାନେ ହିଁ ସେତେବେଳେ ଏ ଦେଶରେ ଉପଭୋଗ କରୁଥିଲେ । ଫଳତଃ, କମ୍ୟୁନିଷ୍ଟ ଭାବାଦର୍ଶ ଦ୍ୱାରା ଯେଉଁମାନେ ସେତେବେଳେ ଆକୃଷ୍ଟ ହେଉଥିଲେ, ସେହି କମ୍ୟୁନିଷ୍ଟ ପାର୍ଟିରେ ସେମାନେ ଦଳ ଦଳ ହୋଇ ଯୋଗଦାନ କରୁଥିଲେ । ଏହାଛଡା, ନେତାଜୀ ସୁଭାଷ ବୋଷଙ୍କ ତିଆରି ସର୍ବଭାରତୀୟ ଫରୱାର୍ଡ ବ୍ଲକ ଥିଲା । ମାର୍କ୍ସବାଦୀ-ଲେନିନ୍‌ବାଦୀ ରୂପେ ପରିଚୟ ଦେଇଥିବା ତଥା ସ୍ୱାଧୀନତା ଆନ୍ଦୋଳନ ଭିତରେ ସୃଷ୍ଟି ହୋଇଥିବା ଅନୁଶୀଳନ ସମିତିର ସମସ୍ତ ସମର୍ଥନପୁଷ୍ଟ ଆର.ଏସ୍.ପି ଥିଲା । ସୌମେନ୍ଦ୍ରନାଥ ଠାକୁରଙ୍କ ତଦାନୀନ୍ତନ ବ୍ୟକ୍ତିତ୍ୱର ପରିପ୍ରେକ୍ଷୀରେ ତାଙ୍କ ନେତୃତ୍ୱରେ ପରିଚାଳିତ ଆର୍.ସି.ପି.ଆଇ ଥିଲା, ମାନବେନ୍ଦ୍ରନାଥ ରାୟଙ୍କ ଐତିହ୍ୟବହନକାରୀ ଡ଼ିମୋକ୍ରାଟିକ୍ ଭ୍ୟାନଗାର୍ଡ ଥିଲା ତଥା ପୋର୍ଟଶ୍ରମିକ ୟୁନିଅନ୍‌ର ବିପୁଳ ଶକ୍ତି ନେଇ ବଲ୍‌ଶେଭିକ୍ ପାର୍ଟି ମଧ୍ୟ ଥିଲା । ଏମାନେ ସମସ୍ତେ ସେତେବେଳେ ଶକ୍ତିଶାଳୀ ପାର୍ଟି ଥିଲେ । ଏମାନଙ୍କ ବିରୁଦ୍ଧରେ ଯାଇ ନୂଆକରି ସର୍ବହରାଶ୍ରେଣୀର ଗୋଟିଏ ବିପ୍ଳବୀ ଦଳ ଗଢ଼ିତୋଳିବା କାର୍ଯ୍ୟ, ସଙ୍ଗରେ ସମବୟସୀ ଅନାମଧେୟ ଘରଛଡା କେତେକ ସାଥୀଙ୍କୁ ନେଇ ଜଣେ ଏକୋଇଶ ବର୍ଷର ଯୁବକ ପକ୍ଷେ ସମ୍ଭବ ବୋଲି କଳ୍ପନା କରି ହେଉନଥିଲା ।

କିନ୍ତୁ ତାଙ୍କ ଚରିତ୍ରର ଏପରି ଏକ ସୁଦୃଢ଼ ବିପ୍ଳବୀ ବୈଶିଷ୍ଟ୍ୟ ଥିଲା ଯେ, ଯାହା ସେ ଥରେ ସତ୍ୟ ବୋଲି ବୁଝିଥିଲେ, ତାକୁ ବାସ୍ତବରେ ପ୍ରୟୋଗ କରିବା କ୍ଷେତ୍ରରେ କୌଣସି ପ୍ରତିକୂଳ ପରିସ୍ଥିତି ତାଙ୍କୁ ଅଟକାଇ ପାରୁ ନଥିଲା । ବରଂ ପରିସ୍ଥିତି ଯେତେ ପ୍ରତିକୂଳ ହେଉଥିଲା ସେ ସେତେ ଦୃଢ଼ମନା ହେଉଥିଲେ । ସବୁ କିଛିର ବିରୁଦ୍ଧତା

ସତ୍ତ୍ୱେ ସେ ଏକ ଦୃଢ଼ ଶପଥ ନେଇ ଦଳ ଗଢ଼ିବାପାଇଁ ଆଗେଇ ଆସିଲେ । ସେ କହୁଥିଲେ, 'ମୁଁ ରାସ୍ତାରେ ମରିବି ଏବଂ ମଲାବେଳେ ଭାବିବି ବିପ୍ଳବ ପାଇଁ ଏହାର ପ୍ରୟୋଜନ ଥିଲା । କିନ୍ତୁ ଯେତେବେଳେ ମରିବି ସେତେବେଳେ ନିଜର ଶିରକୁ ଉନ୍ନତ ରଖି ମରିବି' । ପରବର୍ତ୍ତୀ ଜୀବନରେ ସେ କେତେଥର କର୍ମୀମାନଙ୍କୁ କହିଛନ୍ତି, 'ବିପ୍ଳବର ପ୍ରୟୋଜନର ଉପଲବ୍ଧି ମୋତେ ଯାହା କରିବାକୁ କହିଛି ତାହା ପାରିବିନି, ଏକଥା ମୁଁ ଭାବି ପାରିନାହିଁ । ପାରିବିନି ଭାବିଲେ, ଲଜ୍ଜାରେ ମୋର ମୁଣ୍ଡ ତଳକୁ ହୋଇଯାଇଛି' ।

ଦିନ ପରେ ଦିନ ଧରି ଖାଇବାକୁ ମିଳିନି । ଦକ୍ଷିଣ କଲିକତାର ଏକ କ୍ଷୁଦ୍ର ଗୃହରେ ସେତେବେଳେ ସମସ୍ତେ ଏକାଠି ରହୁଥିଲେ ଏବଂ ଏଇଠି ହିଁ ପ୍ରଥମକରି ଦଳର କମ୍ୟୁନ୍ ଜନ୍ମନେଇଛି । ସମସ୍ତେ ମିଶି ମଶିଣା ପାରି ଶୋଇଛନ୍ତି, କେବେ କେଉଁଦିନ କିଛି ସଂଗ୍ରହ କରିପାରିଲେ ମାଟି ହାଣ୍ଡିରେ ରାନ୍ଧି ମାଟିପାତ୍ରରେ କେବଳ ଲୁଣ ଲଗେଇ ଶୁଖିଲା ଭାତ ଖାଇଛନ୍ତି, ପରସ୍ପରର ଲୁଗାପଟା ସେମାନେ ବାଣ୍ଟିକୁଣ୍ଟି ପିନ୍ଧିଛନ୍ତି, ଏବଂ ଦଳ ଗଢ଼ିବାପାଇଁ ଚବିଶ ଘଣ୍ଟା ଅମାନୁଷିକ ପରିଶ୍ରମ କରିଛନ୍ତି ।

କିନ୍ତୁ ଏହାକୁ କେନ୍ଦ୍ରକରି ତାଙ୍କ ଭିତରେ କୌଣସି ତ୍ୟାଗର ମାନସିକତା ନଥିଲା । ସେ କହୁଥିଲେ, "ବିପ୍ଳବଠାରୁ ବଡ ସମ୍ପଦ ଓ ବିପ୍ଳବୀ ଜୀବନଠାରୁ ବଡ ଜୀବନ ବିପ୍ଳବୀ ପାଖରେ ଆଉ କିଛି ନାହିଁ ।" ତେଣୁ ବିପ୍ଳବର ପ୍ରୟୋଜନରେ ବିପ୍ଳବୀ ଜୀବନ ଗ୍ରହଣ କରିବାକୁ ଯାଇ ସେ ଯଦି କିଛି ଛାଡିଆସେ, ତାକୁ ସେ ତ୍ୟାଗ ବୋଲି ମନେ କରେନା । ଏପରିକି ନିଜର ଜୀବନକୁ ମଧ୍ୟ ନୁହେଁ । ତାଙ୍କର ଏକ ଲେଖାରେ ସେ ନିଜେ କହିଛନ୍ତି-"ପ୍ରଥମେ ଯେତେବେଳେ ଆମେ ଦଳ ଗଢ଼ିବା ଆରମ୍ଭ କଲୁ ସେତେବେଳେ ସମର୍ଥନ କରିବାପାଇଁ ବିଶେଷ କେହି ଲୋକ ନଥିଲେ, ଏପରିକି ମୁଣ୍ଡ ଗୁଞ୍ଜିବା ପାଇଁ ଗୋଟିଏ ଘର ମଧ୍ୟ ଯୋଗାଡ ହୋଇ ପାରିନି, ଏବଂ ଏପରିକି ନଖାଇ ଦିନ ପରେ ଦିନ ସଂପୂର୍ଣ୍ଣ ବିରୁଦ୍ଧ ପରିବେଶ ଭିତରେ ଗୋଟିଏ ନୂଆ ପାର୍ଟି ଗଢ଼ିତୋଳିବା ପାଇଁ ସଂଗ୍ରାମ କରିଛୁ ସେତେବେଳେ କିନ୍ତୁ ଏ ସବୁକୁ ନେଇ ଆମ ମନ ଭିତରେ କୌଣସି କ୍ଷୋଭ ନଥିଲା । ଆମେ କେତେବର୍ଷ ମାଟିରେ ଶୋଇଛୁ, କେତେ କାହିଁ ଶୀତ-ଗ୍ରୀଷ୍ମ ଆମର ଏମିତି କଟିଛି । ଆମମାନଙ୍କର ତଦାନୀନ୍ତନ ବନ୍ଧୁମାନେ ଏହାର ସାକ୍ଷ୍ୟ ବହନ କରିବେ । ସେମାନେ ଦେଖିଛନ୍ତି, ସେତେବେଳେ ଆମ ମନରେ କୌଣସି କ୍ଷୋଭ ନଥିଲା । କେତେଦିନ ଧରି ଖାଇନୁ ଏ ସମ୍ବନ୍ଧରେ କାହା ଆଗରେ

କିଛି କହିବାପାଇଁ ଆମେ ଲଜ୍ଜା ବୋଧ କରୁଥିଲୁ । କାରଣ ଆମେ ମନେ କରୁଥିଲୁ, ଖାଇବା ଯୋଗାଡ଼ କରିପାରିନୁ, ସମର୍ଥକ ନାହାନ୍ତି, ପାଞ୍ଚଟା ପଇସା ଚାନ୍ଦା ଉଠେଇ ପାରିନୁ, ଲୋକେ ଦେଲେନି- ଏସବୁ ଆମର ଅକ୍ଷମତା । ଏହା ଭିତରେ ପୁଣି ଗର୍ବ କରିବାର କ'ଣ ଅଛି, ତ୍ୟାଗର କି ମାହାତ୍ମ୍ୟ ଅଛି ? ଏ ସବୁ କହିବାପାଇଁ ଆମେ ଲଜ୍ଜାବୋଧ କରୁଥିଲୁ ।" ବିପ୍ଳବୀ ରୁଚି ଏବଂ ସଂସ୍କୃତିର ସ୍ୱରୂପଟି ଏହିଭଳି ଏକ ଉନ୍ନତ ରୂପ ନେଇ ସେତେବେଳେ ତାଙ୍କ ଭିତରେ ଫୁଟି ଉଠିଥିଲା ।

ତାଙ୍କର ଅସାଧାରଣ ଜ୍ଞାନ ଏବଂ ଚରିତ୍ର ଚୁମ୍ବକ ପରି ମଣିଷକୁ ଆକୃଷ୍ଟ କରୁଥିଲା ଏବଂ ତାହାଦ୍ୱାରା ଆକର୍ଷିତ ହୋଇ ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ମେଧାବୀ ଛାତ୍ରମାନେ ମଧ୍ୟ ପରବର୍ତ୍ତୀକାଳରେ ତାଙ୍କର ଆଲୋଚନା ଶୁଣିବା ପାଇଁ ଦଳ ଦଳ ହୋଇ ଛୁଟିଆସୁଥିଲେ । କିନ୍ତୁ ଏକବାରେ ପ୍ରାଥମିକ ପର୍ଯ୍ୟାୟରେ, ସର୍ବହରାଶ୍ରେଣୀର ଏହି ନୂତନ ଦଳ ଗଠନର ଉଦ୍ଦେଶ୍ୟ ସମ୍ପର୍କରେ ଯେ କୌଣସି ଜାଗାରେ କେହି ଆଗ୍ରହ ପ୍ରକାଶ କରିଛି ବୋଲି ଖବର ପାଇଲେ ଆଖି ତାଙ୍କର ଆଶାରେ ଉଜ୍ଜ୍ୱଳ ହୋଇ ଉଠୁଥିଲା ଏବଂ ସେ ସେଠାରୁ ଛୁଟି ଯାଉଥିଲେ, ଦରକାର ପଡ଼ିଲେ ମାଇଲ ମାଇଲ ଧରି ପାଦରେ ଚାଲୁଥିଲେ, ଘଣ୍ଟା ଘଣ୍ଟା ଧରି ଆଲୋଚନା କରୁଥିଲେ । ଏଇଭାବେ କଳ୍ପନାତୀତ ପରିଶ୍ରମ କରି ଦଳର ଆଦର୍ଶ ବୁଝେଇ ଜଣ ଜଣ କରି କର୍ମୀ ସେ ସଂଗ୍ରହ କରିଛନ୍ତି । ସେତେବେଳର ପରିସ୍ଥିତିରେ ଗୋଟିଏ କର୍ମୀ ସଂଗ୍ରହ କରିବା ଯେ କେତେ କଠିନ ଥିଲା ତାହା ଅଚିନ୍ତନୀୟ । ପ୍ରଥମତଃ ବୁଝାଇବାକୁ ପଡୁଥିଲା ବୈଜ୍ଞାନିକ ସମାଜବାଦ ସମସ୍ତ ପ୍ରକାର ଶୋଷଣରୁ ମୁକ୍ତିପାଇଁ ଏକମାତ୍ର ପଥ କାହିଁକି ? ତା' ପରେ ବୁଝେଇବାକୁ ପଡୁଥିଲା କାହିଁକି କମ୍ୟୁନିଷ୍ଟ ପାର୍ଟି ଗୋଟିଏ ପ୍ରକୃତ ସାମ୍ୟବାଦୀ ଦଳରୂପେ ଗଢ଼ିଉଠି ପାରିନି(ଏହା ସେତେବେଳେ ବୁଝାଇବା ଅତ୍ୟନ୍ତ କଷ୍ଟସାଧ୍ୟ ଥିଲା) ଏବଂ ଏହି ପରିପ୍ରେକ୍ଷୀରେ ବୁଝାଇବାକୁ ହେଉଥିଲା କାହିଁକି ନୂତନ ଭାବେ ପ୍ରକୃତ ସର୍ବହରାଶ୍ରେଣୀର ଏକ ସଠିକ ବିପ୍ଳବୀ ଦଳ ଗଢ଼ିତୋଳିବା ବ୍ୟତୀତ ଅନ୍ୟ କୌଣସି ରାସ୍ତା ଖୋଲା ନାହିଁ ? ଏହାଠାରୁ ଆହୁରି କଠିନ ଥିଲା, ଯେଉଁ କର୍ମୀକୁ ଥରେ ବୁଝେଇ ଦିଆଗଲା, ତାକୁ ବିପ୍ଳବୀ ଉଦ୍ଦେଶ୍ୟ ପ୍ରତି ପ୍ରତ୍ୟେକ ମୁହୂର୍ତ୍ତରେ ଅବିଚଳ ଓ ଆସ୍ଥାଶୀଳ କରି ରଖିବା । କାରଣ ସେତେବେଳେ ପାର୍ଟିର କୌଣସି ସାମାଜିକ ସ୍ୱୀକୃତି ନଥିଲା, ଦେଶ ଭିତରେ ପରିଚିତି ନଥିଲା, ଏହି ପାର୍ଟି ଭିତରେ ଜଣାଶୁଣା ନେତା କେହି

ନଥିଲେ । ଏହି ପାର୍ଟିରେ ଯୋଗଦେଲେ ଚାରିଆଡୁ କେବଳ ବିଦ୍ରୂପ ଓ ଉପେକ୍ଷା ଛଡ଼ା ଆଉ କିଛି ମିଳୁ ନଥିଲା । ଫଳରେ ସେଦିନ ଯେଉଁମାନେ ଏହି ପାର୍ଟି ଗଢ଼ିତୋଳିବା ପାଇଁ ଆଗେଇ ଆସିଛନ୍ତି, ସେମାନଙ୍କ ଭିତରେ ନୂଆଭାବେ ସର୍ବହରାଶ୍ରେଣୀର ଦଳ ଗଠନର ଉଦ୍ଦେଶ୍ୟ ପ୍ରତି ଅବିଚଳ ନିଷ୍ଠା ବଜାୟ ରଖିବା ଯେ କେତେ କଠିନ ଥିଲା, ତାହା ଆଜି କାହା ପକ୍ଷରେ କଳ୍ପନା କରିବା ମଧ୍ୟ ଦୁଃସାଧ୍ୟ ।

ଲୋକ ପରିଚିତି ନାହିଁ, ଅର୍ଥ ନାହିଁ, ସହାନୁଭୂତି ନାହିଁ, ପ୍ରଚାର ଯନ୍ତ୍ରର ପୃଷ୍ଠପୋଷକତା ନାହିଁ, ଅଛି କେବଳ ଚତୁର୍ଦ୍ଦିଗରେ ଥଟ୍ଟା, ବିଦ୍ରୂପ, ଅପପ୍ରଚାର ଓ ଦୁର୍ଲଙ୍ଘନୀୟ ବାଧା । ଏଭଳି ଏକ ଚରମ ପ୍ରତିକୂଳ ପରିସ୍ଥିତି, ଆପାତଃ ଅନ୍ଧକାର ଭବିଷ୍ୟତ, ଚାରିଆଡୁ ଉପେକ୍ଷା ଓ ବିଦ୍ରୂପ କର୍ମୀମାନଙ୍କ ମନକୁ ବାରମ୍ବାର ବିଚଳିତ କରିଛି, ନୂଆକରି ଦଳ ଗଢ଼ି ତୋଳିବାର ସମ୍ଭାବନା ସମ୍ପର୍କରେ ସେମାନଙ୍କର ମନକୁ ସଂଶୟାକୂଳ କରିଛି । ସେମାନେ ବାରମ୍ବାର ଛୁଟିଆସି ପ୍ରଶ୍ନ କରିଛନ୍ତି ଏହା କ'ଣ ସମ୍ଭବ ? ସେ କର୍ମୀମାନଙ୍କୁ କହୁଥିଲେ, "ତେବେ କ'ଣ କରିବା ? ହୁଏତ, ଏସବୁ ଛାଡ଼ିଦେଇ ଚାକିରୀ କରିବାକୁ ହେବ, ଅର୍ଥାତ୍ ଗୋଲାମି କରିବାକୁ ହେବ, ଗତାନୁଗତିକଭାବେ ଜୀବନ ବିତେଇବାକୁ ହେବ ନଚେତ୍ ଯେଉଁ ଦଳଟିକୁ ଭୁଲ୍ ମନେକରୁ ସେହି ସିପିଆଇରେ ମିଶିବାକୁ ହେବ । ଏହାର ଅର୍ଥ ହେଲା ନିଜର ବିବେକ ବିକ୍ରି କରିଦେବାକୁ ହେବ । ଏହା ମୁଁ ପାରିବିନି । ଯଦି ବିପ୍ଳବ ପାଇଁ ଆଉ କିଛି କରିନପାରେ, ଅନ୍ତତଃ ଗୋଟିଏ ଇଟା ଗୁନ୍ଥି ଦେଇଯିବି । ପରେ ଅନ୍ୟମାନେ ଆସି ତା' ଉପରେ ବିପ୍ଳବୀ ଦଳର ସୌଧ ନିର୍ମାଣ କରିବେ ।" ଆଉ ପୁଣି କହିଛନ୍ତି, 'ଶୟନେ, ସ୍ୱପନେ, ଜାଗରଣେ ସବୁ ସମୟରେ ବଞ୍ଚି ରହିବାର ଏକମାତ୍ର ଅର୍ଥ ହେଉଛି ମୁଁ ବିପ୍ଳବୀ ହିସାବରେ ବଞ୍ଚିଛି' (Where ever I exist, I exist as a revolutionary), ଏହି ଭାବେ ପ୍ରତି ମୁହୂର୍ତ୍ତରେ ସେମାନଙ୍କ ଭିତରେ ସେ ବିପ୍ଳବୀ ଜୀବନର ମୂଲ୍ୟବୋଧଗୁଡ଼ିକ ସମ୍ବନ୍ଧରେ ନୂତନ ଧାରଣା ସୃଷ୍ଟି କରିଛନ୍ତି, ବିପ୍ଳବୀ ଚରିତ୍ରର ବଳିଷ୍ଠତା ଗଢ଼ି ତୋଳିଛନ୍ତି ଏବଂ ବିପ୍ଳବୀ ଉଦ୍ଦେଶ୍ୟ ପ୍ରତି ସେମାନଙ୍କର ଆନୁଗତ୍ୟକୁ ଅବିଚଳ ରଖିଛନ୍ତି ।

ସେତେବେଳେ ଏଇଭାବେ କଠୋର ସଂଗ୍ରାମ କରି ଏ ଦେଶରେ ସର୍ବହରା ଶ୍ରେଣୀର ପ୍ରକୃତ ବିପ୍ଳବୀ ଦଳ ଏସ.ୟୁ.ସି.ଆଇ(କମ୍ୟୁନିଷ୍ଟ)ର ଯେଉଁ ଭିତ୍ତି ସେ

ସ୍ଥାପନା କରିଥିଲେ, ଅଠେଇଶ ବର୍ଷ ଧରି ସମସ୍ତ ପ୍ରତିକୂଳ ଶକ୍ତି ବିରୁଦ୍ଧରେ ଅକ୍ଳାନ୍ତ ସଂଗ୍ରାମ ଭିତରେ ଗୋଟିଏ ଗୋଟିଏ କରି ଇଟା ଗୁନ୍ଥିଗୁନ୍ଥି ତା' ଉପରେ ସେ ସୌଧ ତିଆରି କରି ଯାଇଛନ୍ତି । ଆଉ ଦେଇ ଯାଇଛନ୍ତି ଭାରତବର୍ଷର ସର୍ବହରାଶ୍ରେଣୀ ହାତରେ ସେମାନଙ୍କର ସବୁ ପ୍ରକାର ଶୋଷଣରୁ ମୁକ୍ତିଲାଭ ପାଇଁ ଅଭ୍ରାନ୍ତ ଓ ବିଜ୍ଞାନ ସମ୍ମତ ପଥନିର୍ଦ୍ଦେଶ ସମାଜତାନ୍ତ୍ରିକ ବିପ୍ଳବର ସର୍ବବ୍ୟାପକ କର୍ମସୂଚୀ । ପୁଣି ଦେଇ ଯାଇଛନ୍ତି, ଜ୍ଞାନଜଗତର ସମସ୍ତ ଶାଖାକୁ ବ୍ୟାପ୍ତ କରି ଆଜିକାର ଯୁଗରେ ସର୍ବହରାଶ୍ରେଣୀର ମୁକ୍ତିସଂଗ୍ରାମ ପରିଚାଳନା ପାଇଁ ଉପଯୁକ୍ତ ଅପରିସୀମ ଜ୍ଞାନଭଣ୍ଡାର ଏବଂ ସର୍ବହରା ସଂସ୍କୃତିର ସର୍ବୋନ୍ନତ ଧାରଣା । ସେ ସଠିକ୍ ଭାବେ ବୁଝି ପାରିଥିଲେ ଯେ ମାର୍କ୍ସବାଦ-ଲେନିନ୍‌ବାଦକୁ ଆଦର୍ଶ ଭାବେ ଗ୍ରହଣ କରି କିଛି ବ୍ୟକ୍ତି ଗୋଟିଏ ଦଳ ଗଢ଼ି ଦେଲେ ତାହା ସର୍ବହରାଶ୍ରେଣୀର ଦଳ ହୋଇ ଯାଏନା । ଏଇ ଉପଲବ୍ଧିର ଭିତ୍ତିରେ ହିଁ ସେ ଆରମ୍ଭରୁ ସର୍ବହରା ବିପ୍ଳବୀ ଆନ୍ଦୋଳନର ଉପଯୁକ୍ତ ଉନ୍ନତ ନୀତି ନୈତିକତା, ଜୀବନବୋଧର ସଂଗ୍ରାମଟି ପରିଚାଳନା କରି ଏଇ ପାର୍ଟିଟିକୁ ସଯତ୍ନରେ ଗଢ଼ି ତୋଳିଥିଲେ । "ଯେଉଁ ଶ୍ରମିକମାନେ ଦୁନିଆକୁ ପରିବର୍ତ୍ତନ କରିବେ, ଆଗେ ସେମାନଙ୍କୁ ନିଜର ଜୀବନକୁ ପରିବର୍ତ୍ତନ କରିବାକୁ ହେବ ।" ମାର୍କ୍ସଙ୍କ ଏଇ ଶିକ୍ଷାର ଭିତ୍ତିରେ ସେ ଏଇ ମୂଳ ମନ୍ତ୍ର ନେଇ ଆଗେଇ ଆସିଥିଲେ ଯେ, ଯେଉଁମାନେ ଏଇ ପାର୍ଟି ଗଠନ କରିବାକୁ ଆଗେଇ ଆସିବେ ଏବଂ ନେତୃତ୍ୱର ଭୂମିକା ପାଳନ କରିବେ, ସର୍ବପ୍ରଥମେ ସେମାନଙ୍କୁ କମ୍ୟୁନିଷ୍ଟ ଚରିତ୍ର ଅର୍ଜ୍ଜନର ଯୌଥ ସଂଗ୍ରାମରେ ଲିପ୍ତ ହେବାକୁ ପଡ଼ିବ । ସେ କହିଛନ୍ତି, 'ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଆମେ ବର୍ତ୍ତମାନ ସମାଜରେ ଯେଉଁ ନ୍ୟାୟନୀତିବୋଧ, କର୍ତ୍ତବ୍ୟବୋଧ, ଦାୟିତ୍ୱବୋଧ ବା ଯେଉଁ ମୂଲ୍ୟବୋଧ ଗୁଡ଼ିକ ଦ୍ୱାରା ଆଜି ବି ପରିଚାଳିତ ହେଉ, ମନେ ରଖିବାକୁ ହେବ ଯେ ସେଗୁଡ଼ିକ ହେଉଛି ବୁର୍ଜୁଆ ମୂଲ୍ୟବୋଧର ଧାରଣା ଏବଂ ଏଇ ମୂଲ୍ୟବୋଧଗୁଡ଼ିକ ପରିବର୍ତ୍ତେ କମ୍ୟୁନିଷ୍ଟ ମୂଲ୍ୟବୋଧ ଗଢ଼ି ତୋଳିବା ପାଇଁ ପ୍ରତିନିୟତ ସଚେତନ ସଂଗ୍ରାମ ଚଳେଇ ଯିବାକୁ ହେବ' । ଅର୍ଥାତ୍ ବୁର୍ଜୁଆ ଦୃଷ୍ଟିଭଙ୍ଗୀ ପରିବର୍ତ୍ତେ ସର୍ବହରାଶ୍ରେଣୀର ଦୃଷ୍ଟିଭଙ୍ଗୀ, ଯାହାକୁ ଆମେ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦୀ ବା ମାର୍କ୍ସବାଦୀ ଦୃଷ୍ଟିଭଙ୍ଗୀ ବୋଲି କହିଥାଉଁ ତାହା ଗଢ଼ିତୋଳିବା ପାଇଁ ବିରାମହୀନ ସଠିକ ସଚେତନ ସଂଗ୍ରାମ ମଧ୍ୟ ଦେଇ ହିଁ କେବଳ ଆମେ ବାସ୍ତବରେ ନିଜକୁ କମ୍ୟୁନିଷ୍ଟ ରୂପେ ଗଢ଼ିପାରୁ ।

ବର୍ତ୍ତମାନର କ୍ଷୟିଷ୍ଣୁ ଚରମ ପ୍ରତିକ୍ରିୟାଶୀଳ ବ୍ୟକ୍ତିବାଦ ଯୁଗରେ କମ୍ୟୁନିଷ୍ଟ ଚରିତ୍ର

ଅର୍ଜ୍ଜନରେ ଏକ ସଂପୂର୍ଣ୍ଣ ନୂତନ ଓ ଅତ୍ୟନ୍ତ ଉନ୍ନତ ମାନ ସେ ତୋଳି ଧରିଛନ୍ତି । ସେ କହିଛନ୍ତି, ଏତେ ଦିନ ଯାଏ ସର୍ବହରା ବିପ୍ଲବୀ ରାଜନୀତିରେ ଯେଉଁ ନୈତିକତାର ମାନ କାର୍ଯ୍ୟ କରୁଛି, 'ତାହା ହେଲା ବୃହତ୍ତର ସାମାଜିକ ସ୍ୱାର୍ଥ ପାଖରେ ବ୍ୟକ୍ତିସ୍ୱାର୍ଥକୁ ଗୌଣ ଭାବେ ବିଚାର କରିବା' । ତା' ପରିବର୍ତ୍ତେ ଇତିହାସରେ ସେ ହିଁ ପ୍ରଥମେ ଦେଖାଇଲେ ଯେ- 'ଏଯୁଗରେ ଉନ୍ନତତର କମ୍ୟୁନିଷ୍ଟ ଚରିତ୍ର ଅର୍ଜ୍ଜନ କରିବାକୁ ହେଲେ ବ୍ୟକ୍ତିସତ୍ତାକୁ ନିଃସଂଶୟରେ, ନିର୍ଦ୍ୱିଧାରେ, ହସ ହସ ମୁହଁରେ, ନିଃସର୍ତ୍ତରେ ଶ୍ରମିକଶ୍ରେଣୀ, ବିପ୍ଲବ ଓ ଦଳର ସ୍ୱାର୍ଥ ସହିତ ଏକାତ୍ମ (identify) କରି ଦେବାକୁ ହେବ' । ସେ ନିଜେ ହିଁ ଏହି ଉନ୍ନତତର ଚରିତ୍ରର ମୂର୍ତ୍ତ ପ୍ରତୀକ ଥିଲେ । ତାଙ୍କର ବ୍ୟକ୍ତି ଜୀବନ ଓ ବିପ୍ଲବୀ ଜୀବନ ମଧ୍ୟରେ କୌଣସି ପାର୍ଥକ୍ୟ ନଥିଲା । ବିପ୍ଲବ ସହିତ,ବିପ୍ଲବୀ ଆନ୍ଦୋଳନ ଓ ଦଳ ସହିତ ତାଙ୍କ ଜୀବନ ଏକ ହୋଇ ଯାଇଥିଲା । ପାର୍ଟି ଗଠନର ପ୍ରାରମ୍ଭରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ନେତା ଓ କର୍ମୀମାନଙ୍କ ସହିତ ଏକତ୍ର ଜୀବନଯାପନ କରି ଯୌଥଭାବରେ ଏଇ ସଂଗ୍ରାମ ପରିଚାଳନା କରିଛନ୍ତି । ଏଇ ସଂଗ୍ରାମର ମଧ୍ୟ ଦେଇ ସେ ନିଜେ ଯେପରି ଉନ୍ନତ ଆଦର୍ଶ ଓ ବଳିଷ୍ଠ ବିପ୍ଲବୀ ଚରିତ୍ରର ଅଧିକାରୀ ହୋଇଛନ୍ତି, ଠିକ୍ ସେହିପରି ଏଇ ସଂଗ୍ରାମର ଫଳସ୍ୱରୂପ ସେ ଦଳେ ନେତା ଓ କର୍ମୀଙ୍କୁ ଉନ୍ନତ ବିପ୍ଲବୀ ଚରିତ୍ରର ଅଧିକାରୀ କରି ଗଢ଼ି ତୋଳି ଯାଇଛନ୍ତି । ଏଇ କାରଣରୁ ହିଁ ବଡ଼ ଡ଼ିଗ୍ରୀ, ସାମାଜିକ ପ୍ରତିଷ୍ଠା, ଭଲ ଲେଖିପାରିବା, ବକ୍ତୃତା ଦେବା ଆଦି କୌଣସିଟି ଉପରେ ଏହି ପାର୍ଟିରେ ନେତା ଓ କର୍ମୀଙ୍କର ଯୋଗ୍ୟତା ନିର୍ଦ୍ଧାରିତ ହୁଏନା । ନିରବଚ୍ଛିନ୍ନ ସଚେତନ ସଂଗ୍ରାମ ମଧ୍ୟଦେଇ ଯିଏ ଯେତେ ବେଶି ପରିମାଣରେ ବ୍ୟକ୍ତି ସ୍ୱାର୍ଥ ଓ ସାମାଜିକ ସ୍ୱାର୍ଥର ମିଳନ ଘଟାଇବାକୁ ଅର୍ଥାତ୍ ବିପ୍ଲବ ଓ ବିପ୍ଲବୀ ଦଳ ସହିତ ବ୍ୟକ୍ତି ସ୍ୱାର୍ଥର ମିଳନ ଘଟାଇବାକୁ ସକ୍ଷମ ହୋଇଛନ୍ତି, ସେତିକି ପରିମାଣରେ ପରିକ୍ଷିତ ବଳିଷ୍ଠ ବିପ୍ଲବୀ ଚରିତ୍ରସମ୍ପନ୍ନ କର୍ମୀ ଓ ନେତାଭାବେ ପାର୍ଟିରେ ବିବେଚିତ ହୋଇଛନ୍ତି । ଏଇ ଯେଉଁ ବୈଜ୍ଞାନିକ ପ୍ରକ୍ରିୟାଟିକୁ ସେ ପାର୍ଟି ମଧ୍ୟରେ ସୃଷ୍ଟି କରିଗଲେ, ସେହି ପ୍ରକ୍ରିୟାର ଭିତ୍ତରେ ହିଁ ଏଇ ପାର୍ଟିଟି ଗଢ଼ିଉଠିଛି ଏବଂ ଏଇ ପ୍ରକ୍ରିୟା ଆଜି ବି ପାର୍ଟି ମଧ୍ୟରେ କାର୍ଯ୍ୟକରିଚାଲିଛି । ଏଇ ପଥରେ ଉନ୍ନତ ବିପ୍ଲବୀ ରୁଚି ଓ ସଂସ୍କୃତିର ଅଧିକାରୀ ହେବା ଦ୍ୱାରା ଦଳର ଅଭ୍ୟନ୍ତରରେ ସ୍ତରେ ସ୍ତରେ ଯୋଗ୍ୟ ନେତୃତ୍ୱ ଗଢ଼ି ଉଠୁଛି ଯେଉଁମାନଙ୍କ ମଧ୍ୟରେ ଦଳ ହିଁ ଜୀବନ ଓ ବିପ୍ଲବ ହିଁ ଅସ୍ତିତ୍ୱ ଏଇ ଚେତନା ମୂର୍ତ୍ତ ହୋଇ ଉଠିଛି । ଏହା ହିଁ ହେଲା

ସଠିକ ସର୍ବହରାଶ୍ରେଣୀର ବିପ୍ଳବୀ ଦଳର ସର୍ବାପେକ୍ଷା ମୂଲ୍ୟବାନ ସଂପଦ ବା ପ୍ରାଣଶକ୍ତି ।

ସର୍ବହରା ଶ୍ରେଣୀର ମୁକ୍ତି ଆନ୍ଦୋଳନରେ ସମର୍ପିତ ପ୍ରାଣ ଏହି ମହାନ୍ ବିପ୍ଳବୀ, ତାଙ୍କ ଆଜୀବନ ସଂଗ୍ରାମଲବ୍ଧ ଅଭିଜ୍ଞତା ଓ ସତ୍ୟୋପଲବ୍ଧିର ସମ୍ପଦ ବଳରେ ନିଜ ହାତରେ ସୃଷ୍ଟି କରିଯାଇଛନ୍ତି ଭାରତବର୍ଷର ବିପ୍ଳବୀ ଆନ୍ଦୋଳନ ପରିଚାଳନା ପାଇଁ ଉପଯୁକ୍ତ ଦଳେ ପ୍ରଫେସନାଲ୍ ରିଭୋଲ୍ୟୁସନାରୀ (professional revolutionary) ଏବଂ ଏହାର ଅବଶ୍ୟ ପ୍ରୟୋଜନୀୟ ହତିଆର ସର୍ବହରାଶ୍ରେଣୀର ପ୍ରକୃତ ବିପ୍ଳବୀ ଦଳ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ), ଯାହାର କର୍ମକ୍ଷେତ୍ର ଆଜି ସମଗ୍ର ଭାରତବର୍ଷ ବ୍ୟାପୀ ବିସ୍ତୃତ । ସର୍ବହରାର ମହାନ୍ ନେତା କମ୍ରେଡ ଶିବଦାସ ଘୋଷଙ୍କ ଶିକ୍ଷାକୁ କ୍ରମାଗତ ଅନୁଶୀଳନ କରିବା ଏବଂ ତାଙ୍କ ନିଜ ହାତ ତିଆରି ସର୍ବହରାଶ୍ରେଣୀର ଏକମାତ୍ର ବିପ୍ଳବୀ ଦଳ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)କୁ ବିପ୍ଳବର ନେତୃତ୍ୱ ଦେବା ପାଇଁ ଉପଯୁକ୍ତ ରୂପେ ଶକ୍ତିଶାଳୀ କରିବା ମଧ୍ୟରେ ହିଁ ଏ ଦେଶର ସର୍ବହରାଶ୍ରେଣୀର ସବୁପ୍ରକାର ଶୋଷଣରୁ ମୁକ୍ତିର ପ୍ରଶ୍ନ ନିହିତ ରହିଛି । ତାଙ୍କର ଶିକ୍ଷା ଏବଂ ଚିନ୍ତା ମଧ୍ୟଦେଇ ସେ ଆମ ଭିତରେ ଅଛନ୍ତି ଓ ସବୁ ଦିନ ପାଇଁ ରହିବେ ଏବଂ ତାଙ୍କ ନାମ ପ୍ରଜ୍ୱଳିତ ଆଲୋକବର୍ତ୍ତିକା ଓ ଜୀବନ୍ତ ପ୍ରେରଣାର ଉତ୍ସରୂପେ ଆମମାନଙ୍କ ଭିତରେ ନିରନ୍ତର ବିରାଜ କରିବ ।

ଆଜି ଏହି ଗଭୀର ଶୋକପୂର୍ଣ୍ଣ ମୁହୂର୍ତ୍ତରେ ମହାନ୍ ପ୍ରୟାତ ନେତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଆମେ ଶପଥ ଗ୍ରହଣ କରୁଛୁ ଯେ, ଆମ ପ୍ରିୟ ନେତା କମ୍ରେଡ ଶିବଦାସ ଘୋଷଙ୍କ ଦଳ, ଶ୍ରେଣୀ ଓ ବିପ୍ଳବ ସହିତ ନିଜର ସତ୍ତାକୁ ସଂପୂର୍ଣ୍ଣଭାବେ ବିଲୀନ କରିଦେବାର ଅନନ୍ୟସାଧାରଣ ବିପ୍ଳବୀ ଚରିତ୍ରର ମହାନ୍ ଦୃଷ୍ଟାନ୍ତକୁ ଅନୁସରଣ କରି ଆମେ ବିପ୍ଳବୀ ସଂଗ୍ରାମରେ ନିଜକୁ ଆହୁରି ଅଧିକ ନିୟୋଜିତ କରିବୁ ଏବଂ ମହାନ୍ ନେତା, ଶିକ୍ଷକ ଓ ପଥପ୍ରଦର୍ଶକ କମ୍ରେଡ ଶିବଦାସ ଘୋଷଙ୍କ ନିଜ ହାତ ତିଆରି ପାର୍ଟି ସହିତ ଉତ୍ତରୋତ୍ତର ନିଜର ସତ୍ତାକୁ ବିଲୀନ କରିବାର ସଂଗ୍ରାମରେ ଆଗେଇ ଆସିବୁ ।

ଆମେ ଶପଥ ନେଉଛୁ ଯେ, ତାଙ୍କ ଶିକ୍ଷାକୁ ଅନୁସରଣ କରି ଶୋଷିତ ଜନସାଧାରଣଙ୍କ ବିପ୍ଳବୀ ଆନ୍ଦୋଳନ ସଂଗଠିତ କରିବା ସଙ୍ଗେ ସଙ୍ଗେ ଆମେ ସର୍ବହରା ଶ୍ରେଣୀର ଉନ୍ନତ ରୁଚି ଓ ସଂସ୍କୃତିର ଭିତ୍ତିରେ ଉନ୍ନତରୁ ଉନ୍ନତତର ବିପ୍ଳବୀ ଚରିତ୍ର

ଅର୍ଜ୍ଜନର ନିରବଚ୍ଛିନ୍ନ ସଂଗ୍ରାମ ପ୍ରତି ମୁହୂର୍ତ୍ତରେ ଚଳାଇଯିବୁ ଏବଂ ସମଗ୍ର ଜୀବନବ୍ୟାପୀ ସଂଗ୍ରାମଲବ୍ଧ ଅଭିଜ୍ଞତା ମଧ୍ୟଦେଇ ସର୍ବହରାଶ୍ରେଣୀର ମୁକ୍ତି ଆନ୍ଦୋଳନରେ ଯେଉଁ ବିଶାଳ ଜ୍ଞାନଭଣ୍ଡାର ସେ ଆମ ପାଖରେ ରଖିଯାଇଛନ୍ତି ତାକୁ ଆମେ ଗଭୀରଭାବେ ବାରମ୍ବାର ଅନୁଶୀଳନ କରିବୁ ଏବଂ ସେଇ ଜ୍ଞାନର ଉପଲବ୍ଧିକୁ ହିଁ ଆମେ ଆମ ଭିତରେ କ୍ରମାଗତ ଭାବେ ଉନ୍ନତ କରିବୁ ।

ଆମେ ଶପଥ ନେଉଛୁ ଯେ-ତାଙ୍କ ଜୀବନର ଶ୍ରେଷ୍ଠ ସୃଷ୍ଟି ଭାରତର ଏକମାତ୍ର ସାମ୍ୟବାଦୀ ଦଳ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)କୁ କ୍ରମାଗତ ଶକ୍ତିଶାଳୀ କରି ଖଟିଖିଆ ଜନସାଧାରଣଙ୍କ ମୁକ୍ତି ସଂଗ୍ରାମକୁ ଚୁଡାନ୍ତ ବିଜୟ ପଥରେ ଆଗେଇ ନେଇଯିବୁ ଏବଂ ତାଙ୍କ ପ୍ରଦର୍ଶିତ ପଥରେ ଦଳର ଅଭ୍ୟନ୍ତରରେ ପ୍ରତିଷ୍ଠିତ ଯୌଥ ନେତୃତ୍ୱ ଓ ସର୍ବହରା ଗଣତନ୍ତ୍ରକୁ ଆଖିର ମଣି ଭଳି ରକ୍ଷା କରିବୁ ।

ଆମେ ଶପଥ ନେଉଛୁ ଯେ-ଭାରତର ଶୋଷିତ ମଣିଷର ସମସ୍ତ ପ୍ରକାର ଶୋଷଣରୁ ମୁକ୍ତି ପାଇଁ ଯେଉଁ ଅଭ୍ରାନ୍ତ ପଥନିର୍ଦ୍ଦେଶ ରୂପେ ପୁଞ୍ଜିବାଦ ବିରୋଧୀ ସମାଜତାନ୍ତ୍ରିକ ବିପ୍ଳବର ସୁନିର୍ଦ୍ଦିଷ୍ଟ ଓ ସର୍ବବ୍ୟାପକ କର୍ମସୂଚୀ ସେ ଦେଇ ଯାଇଛନ୍ତି, ଆମେ ଆମର ଶେଷ ରକ୍ତବିନ୍ଦୁ ଦେଇ ତାକୁ ସଫଳ ପରିଣତିରେ ପହଞ୍ଚାଇବୁ ।

ଆମେ ଶପଥ କରୁଛୁ ଯେ- ତାଙ୍କର ଶିକ୍ଷାନୁଯାୟୀ ସମସ୍ତ ପ୍ରକାରର ସଂଶୋଧନବାଦ, ସଂସ୍କାରବାଦ ଓ ସୋସିଆଲ ଡ଼େମୋକ୍ରାସିର ବିଭିନ୍ନ ଧାରା ବିରୁଦ୍ଧରେ ଆପୋଷହୀନ ସଂଗ୍ରାମ ପରିଚାଳନା କରି ସର୍ବହରାଶ୍ରେଣୀର ମୂଳ ବିପ୍ଳବୀ ରାଜନୈତିକ ଲାଇନକୁ ସର୍ବଦା ଉର୍ଦ୍ଧ୍ୱୋଜ୍ୱଳିତ କରି ରଖିବୁ ଏବଂ ମାର୍କ୍ସବାଦର ବିପ୍ଳବୀ ପ୍ରାଣସତ୍ତାକୁ ରକ୍ଷା କରିବାର କର୍ତ୍ତବ୍ୟରୁ ଆମେ କେବେ ବିଚ୍ୟୁତ ହେବୁନାହିଁ ।

ଆମେ ଶପଥ ନେଉଛୁ ଯେ-ମାନବତାର ଘୃଣ୍ୟତମ ଶତ୍ରୁ ଫାସିବାଦ ବିରୁଦ୍ଧରେ ଲଢ଼େଇ ପାଇଁ ଯେଉଁ ସଠିକ ପଥ ନିର୍ଦ୍ଦେଶ ସେ କରିଯାଇଛନ୍ତି, ଆମେ ସେଇ ପଥରେ ଜନସାଧାରଣଙ୍କୁ ସଂଘବଦ୍ଧ କରି ଫାସିବାଦ ବିରୁଦ୍ଧରେ ଆପୋଷହୀନ ସଂଗ୍ରାମ ଚଳାଇଯିବୁ ।

ଆମେ ଶପଥ ନେଉଛୁ ଯେ- ଏଇ ଅପୂରଣୀୟ କ୍ଷତିର ମୁହୂର୍ତ୍ତରେ ତାଙ୍କ ଶିକ୍ଷାରେ ଶିକ୍ଷିତ ହୋଇ ଆମେ ଆମର ହୃଦୟର ଗଭୀରତମ ବେଦନାକୁ ସୁଦୃଢ଼ ସଂକଳ୍ପ, ସାହସ ଓ ବିପ୍ଳବୀ ଉଦ୍ଦେଶ୍ୟମୁଖୀତାରେ ରୂପାନ୍ତରିତ କରିବୁ ଏବଂ 'ଏକ

ମଣିଷ' (one man) ଭାବେ ଠିଆ ହୋଇ ତାଙ୍କ ଅଭାବ ପୂରଣର କଠୋର ସଂଗ୍ରାମରେ ବ୍ରତୀ ହେବୁ ।

ଆମେ ଶପଥ ନେଉଛୁ ଯେ-ତାଙ୍କ ଶିକ୍ଷାରେ ଶିକ୍ଷିତ ହୋଇ ଆମେ ସବୁ ଅସଂଖ୍ୟ ବିପ୍ଳବୀ କର୍ମୀ ଆମର ପ୍ରତିଟି ରକ୍ତବିନ୍ଦୁ ଦେଇ ବିପ୍ଳବ ଏବଂ ସର୍ବହରା ଆନ୍ତର୍ଜାତିକତାବାଦର ମହାନ୍ ପତାକାକୁ ଉର୍ଦ୍ଧ୍ୱେ ତୋଳି ଧରିବୁ ।

**ସର୍ବହରାର ମହାନ୍ ନେତା କମ୍ରେଡ ଶିବଦାସ ଘୋଷ ଲାଲ ସଲାମ୍ ।**

***

# କମ୍ରେଡ ନୀହାର ମୁଖାର୍ଜୀଙ୍କ ସ୍ମୃତିରୁ

*[ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର ୫୨ ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ କଲିକତାର ସଲଟ ଲେକ୍ କମ୍ୟୁନରେ ଗତ ଏପ୍ରିଲ୨୪ ତାରିଖ ଦିନ ଦଳର ପୂର୍ବତନ ସାଧାରଣ ସମ୍ପାଦକ କମ୍ରେଡ ଶିବଦାସ ଘୋଷଙ୍କର ଘନିଷ୍ଠତମ ସହଯୋଦ୍ଧା କମ୍ରେଡ ନୀହାର ମୁଖାର୍ଜୀ, ସେଠାରେ ଉପସ୍ଥିତ ଦଳର କର୍ମୀ ଓ ସମର୍ଥକମାନଙ୍କ ନିକଟରେ ସର୍ବହରାର ମହାନ୍ ନେତା କମ୍ରେଡ ଶିବଦାସ ଘୋଷଙ୍କ ଜୀବନ ସଂଗ୍ରାମର କେତେକ ଦିଗ ତୋଳିଧରିଥିଲେ । ସେହି ବକ୍ତବ୍ୟଟି ଏଠାରେ ଉପସ୍ଥାପନ କରୁଛୁ ।]*

ଆଜି ୨୪ ଏପ୍ରିଲ । ଆମ ଦଳ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର ୫୨ ତମ ପ୍ରତିଷ୍ଠା ଦିବସ । ଆମ ଦଳ ପ୍ରତିଷ୍ଠା ହୋଇଥିଲା ୧୯୪୮ ମସିହାରେ । ପାର୍ଟି ପ୍ରତିଷ୍ଠା ପୂର୍ବରୁ ଏହାର ପରିପୂରକ ଭାବେ ୧୯୪୨ ରୁ ୧୯୪୫ ମସିହା ଏବଂ ୧୯୪୫ ରୁ ୧୯୪୮ ମସିହା ଯାଏଁ ଦୁଇଟି ଭାଗରେ ବିଭକ୍ତ ଏକ ଦୀର୍ଘ ଏବଂ ଜଟିଳ ସଂଗ୍ରାମର ଇତିହାସ ରହିଛି । ୧୯୪୨ ମସିହାର 'ଭାରତ ଛାଡ' ଆନ୍ଦୋଳନରେ କାରାରୁଦ୍ଧ ହୋଇଥିଲେ କମ୍ରେଡ ଶିବଦାସ ଘୋଷ । ସେ ସମୟରେ ଜେଲ ଭିତରେ ରାଜନୈତିକ ବନ୍ଦୀମାନଙ୍କ ମଧ୍ୟରେ ମାର୍କ୍ସବାଦ-ଲେନିନ୍‌ବାଦର ତତ୍ତ୍ୱ, ତା'ର ପ୍ରୟୋଗ ଏବଂ ସେହି ଅନୁଯାୟୀ ବିପ୍ଲବୀ ଚରିତ୍ର ଗଠନର ସୂକ୍ଷ୍ମାତିସୂକ୍ଷ୍ମ ପ୍ରଶ୍ନକୁ କେନ୍ଦ୍ରକରି ଦିବାରାତ୍ରୀ ଆଦର୍ଶଗତ ସଂଗ୍ରାମ ଚାଲୁଥିଲା । କମ୍ରେଡ ଶିବଦାସ ଘୋଷ ତାଙ୍କର ସହଯୋଦ୍ଧାମାନଙ୍କୁ ନେଇ ଏହି ଆଦର୍ଶଗତ ସଂଗ୍ରାମରେ ଏକ ବିଶେଷ ଭୂମିକା ନେଇଥିଲେ । ଜେଲରେ ରହିବାବେଳେ ହିଁ କମ୍ରେଡ ଶିବଦାସ ଘୋଷ ଉପଲବ୍ଧି କରିଥିଲେ ଯେ, ଏ ଦେଶରେ ଏକ ଯଥାର୍ଥ କମ୍ୟୁନିଷ୍ଟ ପାର୍ଟିର ଅନୁପସ୍ଥିତି ଯୋଗୁଁ ସ୍ୱାଧୀନତାର ସମସ୍ତ ଫଳାଫଳ ବୁର୍ଜୁଆ ଶ୍ରେଣୀ ହାତକୁ ଚାଲିଯାଉଛି । ୧୯୪୫ ମସିହାରେ ଜେଲ୍‌ରୁ ବାହାରି ଆସିବା ପରେ ଏକ ଯଥାର୍ଥ କମ୍ୟୁନିଷ୍ଟ ପାର୍ଟି ଗଢ଼ିବାର ପ୍ରଚେଷ୍ଟା ସେ ଆରମ୍ଭ କରିଥିଲେ । ୧୯୪୫ ରୁ ୧୯୪୮ ମସିହାଯାଏ ସେହି

ପାର୍ଟି ଗଠନର ପ୍ରାଥମିକ ପ୍ରସ୍ତୁତି ଭାବେ କମ୍ରେଡ ଶିବଦାସ ଘୋଷ ମୁଷ୍ଟିମେୟ କେତେଜଣ ସହଯୋଦ୍ଧାଙ୍କୁ ନେଇ ଯେଉଁ କଠୋର ଓ କଠିନ ସଂଗ୍ରାମ ପରିଚାଳନା କରିଛନ୍ତି, ତାହା ଆଜି ସ୍ମରଣ କରିବା ଦରକାର । ମାତ୍ର ସାତଜଣ ସହଯୋଦ୍ଧାଙ୍କୁ ସାଥିରେ ନେଇ ଭାରତବର୍ଷ ଭଳି ବହୁ ଭାଷା, ବହୁ ଜାତି-ଧର୍ମ-ବର୍ଣ୍ଣରେ ବିଭକ୍ତ ଏକ ବିଶାଳ ଦେଶରେ କମ୍ରେଡ ଶିବଦାସ ଘୋଷ ଦଳ ଗଠନର ପ୍ରସ୍ତୁତି ପର୍ବରେ ସମ୍ପୂର୍ଣ୍ଣ ସହାୟ ସମ୍ବଳହୀନ ଏବଂ କପର୍ଦ୍ଦକଶୂନ୍ୟ ଅବସ୍ଥାରୁ ଅର୍ଥାତ୍ ବାସ୍ତବରେ ଯାହାକୁ ଶୂନ୍ୟ ଅବସ୍ଥା ବୁଝାଏ; ସେହି ଅବସ୍ଥାରୁ ସଂଗ୍ରାମ ଆରମ୍ଭ କରିଥିଲେ । କେବଳମାତ୍ର ଦ୍ୱନ୍ଦ୍ୱମୂଳକ ବସ୍ତୁବାଦର ଅମୋଘ ଅସ୍ତ୍ରକୁ ଅବଲମ୍ବନ କରି ଜଣେ ଦକ୍ଷ ଶିଳ୍ପୀ ଭଳି ସେ ଧାପେ ଧାପେ ପାର୍ଟିଟିକୁ ଗଢ଼ି ତୋଳିଥିଲେ । ସେହି କଠିନ ସଂଗ୍ରାମର ଦିନଗୁଡ଼ିକର କଥା, ପାର୍ଟି ଗଢ଼ିବାର ପ୍ରସ୍ତୁତି ପର୍ବରେ ସେହି ଅଦମ୍ୟ ପ୍ରୟାସ, ନିରଳସ ସଂଗ୍ରାମ ଏବଂ କର୍ମପ୍ରଣାଳୀ ଆମ ଦଳର ସମସ୍ତ କର୍ମୀ, ସଂଗଠକ ଓ ନେତାମାନେ ଅନୁଧାବନ କରିବା ପ୍ରୟୋଜନ ।

ସେଦିନ ଯେଉଁଠି ଟିକିଏ ବି ଯୋଗାଯୋଗର ସନ୍ଧାନ ପାଇଛନ୍ତି, ସେଠାକୁ କମ୍ରେଡ ଶିବଦାସ ଘୋଷ ଛୁଟି ଯାଇଛନ୍ତି, ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ଯାଏ, ଅସଂଖ୍ୟ ଷ୍ଟଡ଼ିକ୍ଲାସ, ଷ୍ଟଡ଼ି ସର୍କଲ, ଗ୍ରୁପ ମିଟିଙ୍ଗ କରିଛନ୍ତି, ବ୍ୟକ୍ତିଗତ ଆଲୋଚନା କରିଛନ୍ତି । ସକାଳୁ ଆରମ୍ଭ କରି ଗଭୀର ରାତ୍ରିଯାଏ ଅକ୍ଳାନ୍ତ ପରିଶ୍ରମ କରି ଜଣେ ଜଣେ କର୍ମୀ ତିଆରି କରିଛନ୍ତି । ପାର୍ଟି ଗଠନ କରିବାକୁ ହେଲେ, ତାର ମୌଳିକ ଦିଗ, ଆଦର୍ଶଗତ-ସଂସ୍କୃତିଗତ-ରାଜନୀତିଗତ ଦିଗରୁ ଯଥୋପଯୁକ୍ତ ସାମାଜିକ ଚେତନା ଗଢ଼ିତୋଳିବା ଏବଂ ଜାତୀୟ ଓ ଆନ୍ତର୍ଜାତୀୟ ପରିସ୍ଥିତି ସମ୍ପର୍କରେ ସଠିକ ଉପଲବ୍ଧି ଗଢ଼ି ତୋଳିବା- ଏହି କାମଗୁଡ଼ିକୁ କରିବା ପାଇଁ ଦୀର୍ଘ ତିନି ବର୍ଷ ଧରି ଯେଉଁ ଅବିରାମ କ୍ଳାନ୍ତିହୀନ ସଂଗ୍ରାମ ସେ କରି ଯାଇଛନ୍ତି, ତାହା ମଧ୍ୟ ସମସ୍ତଙ୍କୁ ଗୁରୁତ୍ୱ ସହକାରେ ଲକ୍ଷ୍ୟ କରିବାକୁ ହେବ ।

ଆମେ ଜାଣୁ, ଗରିବ ଲୋକଙ୍କ ଘରେ ସଞ୍ଜବେଳେ ଯେଉଁ ମାଟିର ପ୍ରଦୀପଟି ଜଳେ, ସେହି ପ୍ରଦୀପଟିକୁ ଜଳାଇବା ପାଇଁ ପ୍ରୟୋଜନୀୟ ଉପକରଣ ଆଗରୁ ଠିକ୍ କରି ରଖିବାକୁ ହୁଏ । ସେଥିପାଇଁ ସଳିତା ବଳିବାକୁ ହୁଏ, ମାଟି କାଦୁଅରେ ପ୍ରଦୀପ ତିଆରି କରିବାକୁ ହୁଏ, ତାକୁ ଖରାରେ ଶୁଖାଇ ନିଆଁରେ ପୋଡି ରଖିବାକୁ ହୁଏ ଏବଂ ତେଲ ସଂଗ୍ରହ କରି ରଖିବାକୁ ପଡେ । ସକାଳୁ ପ୍ରସ୍ତୁତ କରି ନ ରଖିଲେ ସଞ୍ଜରେ ପ୍ରଦୀପ ଜଳେ ନାହିଁ । ସେହିଭଳି କମ୍ରେଡ ଶିବଦାସ ଘୋଷ ମଧ୍ୟ ଦଳ ଗଠନର ପ୍ରାଥମିକ

ଭିତ୍ତିଭୂମି ରଚନା କରିବାକୁ ଯାଇ ବିଭିନ୍ନ ସ୍ଥାନରୁ ଜଣ ଜଣ କରି କର୍ମୀ ସଂଗ୍ରହ କରି ସେମାନଙ୍କୁ ତିଆରି କରିବା ପାଇଁ ଏକ ନିରଳସ କର୍ମ ପ୍ରକ୍ରିୟା ଗ୍ରହଣ କରିଥିଲେ । ଏହି କର୍ମ ପ୍ରକ୍ରିୟାର ଅଙ୍ଗ ଭାବେ ସେତେବେଳ ସର୍ବପ୍ରଧାନ କାମ ଥିଲା ଆଦର୍ଶଗତ, ସାମାଜିକ, ସଂସ୍କୃତିଗତ ଚର୍ଚ୍ଚା, ଜାତୀୟ-ଆନ୍ତର୍ଜାତିକ ପରିସ୍ଥିତି ସମ୍ପର୍କରେ ଚର୍ଚ୍ଚା ଏବଂ ସର୍ବୋପରି ସେହି ଚର୍ଚ୍ଚା ପାଇଁ ଏକ ଜୀବନ୍ତ ପରିବେଶ ସୃଷ୍ଟି କରିବା-ଯାହା ହେଉଛି ଏକ ବିପ୍ଲବୀ ଦଳର ଯଥାର୍ଥ ପ୍ରାଣସତ୍ତା । ଏହି ଅନୁଶୀଳନ ହିଁ ମଣିଷ ମନର ଦ୍ୱାର ଖୋଲିଦିଏ, ମନରେ ଯାହା ପ୍ରଶ୍ନ ରହିଛି ତାକୁ ପ୍ରକାଶ କରିବା ପାଇଁ ରାସ୍ତା ଖୋଲିଦିଏ । ଏହି ପ୍ରକ୍ରିୟାରେ ସେ ଏ ଦେଶର ଲେନିନୀୟ ମଡ଼େଲର ଏକ ଯଥାର୍ଥ କମ୍ୟୁନିଷ୍ଟ ପାର୍ଟି ଗଢ଼ି ତୋଳିବାର ସଂଗ୍ରାମ ଆରମ୍ଭ କରିଥିଲେ । ଲେନିନୀୟ ଶିକ୍ଷାକୁ ମନେ ରଖି ଜୀବନର ସମସ୍ତ ଦିଗକୁ ପରିବ୍ୟାପ୍ତ କରି ଏକ ଜୀବନ୍ତ ସମାଜତାନ୍ତ୍ରିକ ସଂଗ୍ରାମ ପରିଚାଳନା କରିଥିଲେ । ଏଭଳି କୌଣସି ବିଷୟ ନଥିଲା- ଯାହା ଏହି ସଂଗ୍ରାମ ବାହାରେ ଥିଲା । ବ୍ୟକ୍ତିଗତ ଆଚାର ଆଚରଣରୁ ଆରମ୍ଭ କରି ଏପରିକି ଯୌନଜୀବନ ଯାଏ ଜୀବନର ସର୍ବ ଦିଗକୁ ବ୍ୟାପ୍ତ କରିଥିଲା ଏହି ସଂଗ୍ରାମ । ଏହି ସଂଗ୍ରାମ ହେଲା 'ସମାଜତାନ୍ତ୍ରିକ ନୀତି ନୈତିକତା ଓ ସାଂସ୍କୃତିକମାନ (social, ethical, moral, cultural standard) ଅର୍ଜନ କରିବାର ସଂଗ୍ରାମ' – ଯେଉଁ ସଂଗ୍ରାମ ମଧ୍ୟଦେଇ ଦଳର ସଚେତନ କର୍ମୀ, ସଂଗଠକ ଏବଂ ବିଶେଷଭାବେ ଯେଉଁମାନେ ଖାଣ୍ଟି କମ୍ୟୁନିଷ୍ଟ, ଯେଉଁମାନଙ୍କ ନିକଟରେ 'ଦଳ ହିଁ ଜୀବନ-ବିପ୍ଲବ ହିଁ ଜୀବନ' ସେମାନେ ବାହାରି ଆସିଛନ୍ତି । ତାହା ଏକ ବିଶାଳ ଇତିହାସ, ସୁଦୀର୍ଘ ସେହି ଇତିହାସ ଭିତରକୁ ମୁଁ ବର୍ତ୍ତମାନ ଯାଉନାହିଁ ।

ସେ ସମୟରେ ଆମର ଦୁଇଟି କର୍ମକେନ୍ଦ୍ର ଥିଲା । ଗୋଟିଏ ଦକ୍ଷିଣ କଲିକତାର 'କଲଚର କ୍ଲବ', ଅନ୍ୟଟି ଦକ୍ଷିଣ ୨୪ ପ୍ରଗଣାର ଜୟନଗରର 'ଶାନ୍ତି ସଂଘ' । କମ୍ରେଡ ଶିବଦାସ ଘୋଷ ଜେଲ୍‌ରୁ ବାହାରି ଆସି ଅଗ୍ନିଯୁଗର ବିପ୍ଲବୀ ଚିତ୍ତ ଗୁହଙ୍କ ଦ୍ୱାରା ପ୍ରତିଷ୍ଠିତ 'କଲଚର କ୍ଲବ୍' କୁ ଦକ୍ଷିଣ କଲିକତାର ଲେକ୍ ଟେମ୍ପଲ୍ ରୋଡ଼ର ଗୋଟିଏ ଘରକୁ ନେଇ ଆସନ୍ତି ଏବଂ ତାକୁ କେନ୍ଦ୍ର କରି କାମ ଆରମ୍ଭ କରନ୍ତି । ଜୟନଗରର 'ଶାନ୍ତିସଂଘ'କୁ କେନ୍ଦ୍ର କରି ପ୍ରଥମେ କମ୍ରେଡ ସଚୀନ ବାନାର୍ଜୀ କାମ ଆରମ୍ଭ କରନ୍ତି, କମ୍ରେଡ ଶିବଦାସ ଘୋଷ ମଧ୍ୟ ସେଠାକୁ ଯାଇ କର୍ମକାଣ୍ଡ ପରିଚାଳନା କରନ୍ତି ।

ଦକ୍ଷିଣ କଲିକତାର ସେହି 'କଲଚର କ୍ଲବ୍'କୁ କେନ୍ଦ୍ରକରି ପ୍ରତିଦିନ ପୁଅ ଝିଅମାନେ ଆସୁଥିଲେ, ସେମାନଙ୍କୁ ନେଇ ସେଠି କ୍ଲାସ୍ ହେଉଥିଲା । ଏହାଛଡା ଅନ୍ୟତ୍ର ବି ଅସଂଖ୍ୟ କ୍ଲାସ୍ ହୋଇଛି । କମ୍ରେଡ ଶିବଦାସ ଘୋଷ ଯେଉଁଠି ରହିଛନ୍ତି, ସେଇଠି ଆଳାପ-ଆଲୋଚନା, ଅଦର୍ଶଗତ ଚର୍ଚ୍ଚାର ଏକ ପରିବେଶ ସୃଷ୍ଟି କରିଛନ୍ତି । ଏହିଭଳି ଭାବେ ଧୀରେ ଧୀରେ ଦଳର ନେତା, ସଂଗଠକ ଓ କର୍ମୀମାନେ ତିଆରି ହୋଇଛନ୍ତି, ପାର୍ଟି ବିସ୍ତୃତି ଲାଭ କରିଛି ଏବଂ ଗୋଟାକ ପରେ ଗୋଟାଏ ଗଣ ଆନ୍ଦୋଳନ ଓ ଶ୍ରେଣୀସଂଗ୍ରାମ ଗଢ଼ିତୋଳିଛନ୍ତି । ଏହି ଶ୍ରେଣୀସଂଗ୍ରାମର ପ୍ରଥମ ସୂଚନା ହୋଇଥିଲା ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣାର 'ତେଭାଗା' ଆନ୍ଦୋଳନରେ । ଆଉ ଏହି ପ୍ରକ୍ରିୟାରେ ହିଁ ଧିରେ ଧିରେ ଦୀର୍ଘପଥ ଅତିକ୍ରମ କରି ଆଜି ବିପ୍ଳବୀ ଦଳ ଭାବେ ଆମ ଦଳ ଅଳ୍ପ ବହୁତ ଶକ୍ତି ନେଇ ଭାରତବର୍ଷର ୧୮ଟି ରାଜ୍ୟରେ ଗଢ଼ି ଉଠିଛି । ଭାରତବର୍ଷ ବାହାରେ ବି ଚାରୋଟି ମହାଦେଶରେ ପ୍ରକୃତ କମ୍ୟୁନିଷ୍ଟମାନଙ୍କ ମଧ୍ୟରେ କମ୍ରେଡ ଶିବଦାସ ଘୋଷଙ୍କ ଚିନ୍ତାକୁ ନେଇ ଆଜି ଆଲୋଚନା ଚାଲିଛି । କେବଳ ତାହା ନୁହେଁ, ସାମ୍ୟବାଦୀ ଶିବିରରେ ଏତେବଡ ବିପର୍ଯ୍ୟୟ ପରେ ଯେଉଁମାନେ ପୁଣି ନୂତନ ଭାବେ ପ୍ରକୃତ ମାର୍କ୍ସବାଦୀ-ଲେନିନ୍‌ବାଦୀ ପାର୍ଟି ଗଢ଼ିବା ପାଇଁ ପ୍ରୟାସୀ ହେଉଛନ୍ତି, ସେମାନଙ୍କ ନିକଟରେ କମ୍ରେଡ ଶିବଦାସ ଘୋଷଙ୍କ ଚିନ୍ତା ଯେମିତି ଏକ ନୂତନ ଦିଗନ୍ତ ଖୋଲି ଦେଇଛି । ୧୯୯୫ ମସିହାରେ କଲିକତାରେ ସାମ୍ରାଜ୍ୟବାଦ ବିରୋଧୀ କନ୍‌ଭେନ୍‌ସନ୍‌କୁ ଏବଂ ୧୯୯୭ ମସିହାରେ ଘାଟଶିଳାରେ ମାର୍କ୍ସବାଦ-ଲେନିନ୍‌ବାଦ ଶିବଦାସ ଘୋଷ ଚିନ୍ତାଧାରା ଶିକ୍ଷାକେନ୍ଦ୍ରଠାରୁ କମ୍ରେଡ ଶିବଦସେ ଘୋଷଙ୍କର ପୂର୍ଣ୍ଣାବୟବ ମୂର୍ତ୍ତି ଉନ୍ମୋଚନ ଅନୁଷ୍ଠାନକୁ ବିଭିନ୍ନ ଦେଶର କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଯେଉଁ ପ୍ରତିନିଧିମାନେ ଆସିଥିଲେ ସେମାନେ ପ୍ରକାଶ୍ୟ ସମାବେଶରେ କହିଛନ୍ତି ଯେ, କମ୍ରେଡ ଶିବଦାସ ଘୋଷଙ୍କ ଚିନ୍ତା ସେମାନଙ୍କ ମଧ୍ୟରେ ବିରାଟ ଆଲୋଡ଼ନ ସୃଷ୍ଟି କରିଛି । ସେଠି ମାର୍କ୍ସ, ଏଙ୍ଗେଲ୍‌ସ୍, ଲେନିନ୍, ଷ୍ଟାଲିନ୍, ମାଓସେତୁଙ୍ଗଙ୍କ ପରେ ହିଁ ସେମାନଙ୍କ ମୁଖରେ ଉଚ୍ଚାରିତ ହୋଇଛି କମ୍ରେଡ ଶିବଦାସ ଘୋଷଙ୍କ ନାମ ।

ତେଣୁ ଯେଉଁ କଥାଟି ଆଜି ଆପଣଙ୍କ ସାମ୍ନାରେ ବିଶେଷ ଭାବରେ ଗୁରୁତ୍ୱ ଦେବାକୁ ଚାହୁଁଛି, ତାହା ହେଲା, ଦେଶ ତମାମ ଓ ଦୁନିଆର ଲୋକଙ୍କ ନିକଟରେ କମ୍ରେଡ ଶିବଦାସ ଘୋଷଙ୍କ ଚିନ୍ତା ଯେଉଁ ଏକ ନୂତନ ବାର୍ତ୍ତା, ନୂତନ ଆଦର୍ଶ, ନୂତନ ଚେତନା, ନୂତନ ଜୀବନବୋଧ ନେଇ ଆସିଛି ସେହି ଜୀବନବୋଧର

ଗଭୀର ଅନୁଶୀଳନ ଆଜି ଅତ୍ୟନ୍ତ ଜରୁରୀ ଓ ଜାତୀୟ ତଥା ଆନ୍ତର୍ଜାତିକ କ୍ଷେତ୍ରରେ ପ୍ରବଳ ପ୍ରତିକୂଳ ପରିସ୍ଥିତି ରହିଥିବା ସତ୍ତ୍ୱେ ବି, କମ୍ରେଡ ଶିବଦାସ ଘୋଷଙ୍କ ଚିନ୍ତାଧାରା ଆମ ପାଇଁ ଏଭଳି ଏକ ମୂଲ୍ୟବାନ ସମ୍ପଦ – ଯାହାର ସଠିକ୍ ଚର୍ଚ୍ଚା ଆମକୁ ଏହି ପ୍ରତିକୂଳତା ମଧ୍ୟରେ ବି ସଠିକ୍ ବୈପ୍ଳବିକ ରାଜନୈତିକ ଲାଇନ୍‌ଟିକୁ ଦର୍ଶାଇବ, ଆମକୁ ପଥ ଦେଖାଇବ । ପାର୍ଟିର ଆଭ୍ୟନ୍ତରୀଣ ଜୀବନରେ ଗଣତାନ୍ତ୍ରିକ କେନ୍ଦ୍ରୀକରଣର ଏକ ବଳିଷ୍ଠ ଛାଞ୍ଚ, ଯାହା ସର୍ବହରା ଗଣତନ୍ତ୍ରର ସମ୍ୟକ ଉପଲବ୍ଧି ଓ ପରିପୂର୍ଣ୍ଣ ବିକାଶ ପଥରେ ଗଢ଼ି ଉଠିଛି, ତାହା ସହିତ, କୌଣସି ଆଦେଶ ଜାରୀ କରି ନୁହେଁ, ସଚେତନ ଓ ସ୍ୱେଚ୍ଛାପ୍ରଣୋଦିତଭାବେ କଠୋର ଶୃଙ୍ଖଳା ପରାୟଣତାର ଅନୁଶୀଳନ କରି, ଆମେ ଯାହାକୁ 'ଗଣତାନ୍ତ୍ରିକ କେନ୍ଦ୍ରିକତା', (democratic centralism) କହୁ ଆମର ଚେତନାର ମାନକୁ ସେହି ସ୍ତରକୁ ଉନ୍ନୀତ କରିବାକୁ ହେବ ଏବଂ ନିଷ୍ଠା ସହକାରେ କର୍ମକାଣ୍ଡରେ ଲିପ୍ତ ହେବାକୁ ପଡ଼ିବ । ପାର୍ଟି ଅଭ୍ୟନ୍ତରରେ ସର୍ବହରା ଗଣତନ୍ତ୍ରର ଚର୍ଚ୍ଚାକୁ ଅମ୍ଳାନ ରଖିବାକୁ ହେବ । ସର୍ବହରା ଗଣତନ୍ତ୍ର ହେଲା ସବୁଠାରୁ ବ୍ୟାପକତମ ଗଣତନ୍ତ୍ର, ଯେଉଁଠି ଶତକଡ଼ା ୯୯ ଭାଗ ଲୋକଙ୍କ ସ୍ୱାର୍ଥରେ ଗଣତନ୍ତ୍ରର ଛାଞ୍ଚ ବା ସ୍ୱରୂପଟି ଗଢ଼ି ଉଠିଛି । ପାର୍ଲାମେଣ୍ଟାରୀ ଗଣତନ୍ତ୍ରର ସ୍ୱରୂପ ଯାହା ବାସ୍ତବରେ ୯୯ ଭାଗ ଲୋକଙ୍କ ବିରୋଧରେ ଏକ ଭାଗ ଲୋକଙ୍କ ଗଣତନ୍ତ୍ର, ତାହା ପୁଞ୍ଜିବାଦୀ ଛାଞ୍ଚରେ ୫ ବର୍ଷରେ ଥରେ ଭୋଟ ମଧ୍ୟ ଦେଇ ପ୍ରକାଶିତ ହୁଏ, ସେଠି କ'ଣ ଏଇଭଳି ଗଣତନ୍ତ୍ରର ଚିହ୍ନବର୍ଣ୍ଣ ଦେଖିବାକୁ ମିଳେ? କୌଣସି ପୁଞ୍ଜିବାଦୀ ଦେଶରେ ତାହା ନାହିଁ । ଆଉ ତାହାର ଚେହେରା ବି ଆଜି କ'ଣ ହୋଇଛି! ଯେଉଁ ଦେଶ ଗୁଡ଼ିକରେ ସମାଜତନ୍ତ୍ର ପ୍ରତିଷ୍ଠା ହୋଇଥିଲା କେବଳ ସେହିସବୁ ଦେଶରେ ବାସ୍ତବରେ ବ୍ୟାପକତମ ଗଣତନ୍ତ୍ର ପ୍ରତିଷ୍ଠା କରାଯାଇଥିଲା । ମାର୍କ୍ସବାଦ-ଲେନିନ୍‌ବାଦ ଓ କମ୍ରେଡ ଶିବଦାସ ଘୋଷଙ୍କ ଛାତ୍ର ଭାବରେ ଏହି ଶିକ୍ଷାଟିକୁ ଆମକୁ ମନେ ରଖିବାକୁ ହେବ । ଚିନ୍ତାର ଯେଉଁ ଦ୍ୱାନ୍ଦ୍ୱିକ ପଦ୍ଧତି ଆମେ କର୍ମୀମାନଙ୍କ ମଧ୍ୟରେ ଗଢ଼ିତୋଳିବାକୁ ଚେଷ୍ଟା କରୁଛୁ, ନେତା ଓ କର୍ମୀମାନଙ୍କ ମଧ୍ୟରେ ଦ୍ୱାନ୍ଦ୍ୱିକ ପ୍ରକ୍ରିୟାରେ ଯେଉଁ ସମ୍ପର୍କ ଆମେ ଗଢ଼ିବା ପାଇଁ ଚେଷ୍ଟା କରୁଛୁ ତାହା ଜୀବନ୍ତ ରଖିବାକୁ ହେବ ଏବଂ ସେହି ଜୀବନ୍ତ ପରିବେଶଟିକୁ ପାର୍ଟି ଅଭ୍ୟନ୍ତରରେ ଗଣତାନ୍ତ୍ରିକ କେନ୍ଦ୍ରିକତାକୁ ସୁପ୍ରତିଷ୍ଠିତ ଓ ବିକଶିତ କରିବ । ଏହି ପଥରେ ଆଦର୍ଶର ଉପଲବ୍ଧି କ୍ଷେତ୍ରରେ ଐକ୍ୟ, ଚିନ୍ତାର ଐକ୍ୟ ଓ କର୍ମର ଐକ୍ୟ ଗଢ଼ି ଉଠିବ । କମ୍ରେଡ ଶିବଦାସ ଘୋଷ ଏହାକୁ ବିଶ୍ଳେଷଣ କରି ଦର୍ଶାଇଛନ୍ତି ।

ଆଦର୍ଶଗତ କେନ୍ଦ୍ରୀକତାର ଭିତ୍ତି ଉପରେ ସାଙ୍ଗଠନିକ କେନ୍ଦ୍ରିକତା ଗଢ଼ି ଉଠେ । ଆଦର୍ଶର ଉପଲବ୍ଧି କ୍ଷେତ୍ରରେ ଐକ୍ୟ ଯେତେ ବ୍ୟାପକ ହେବ, ଚିନ୍ତାର ଐକ୍ୟ, ଦୃଷ୍ଟିଭଙ୍ଗୀର ଐକ୍ୟ ବା ପ୍ରତ୍ୟେକ କ୍ଷେତ୍ରରେ ଯେ କୌଣସି ବିଷୟକୁ ଅନୁଶୀଳନ କରିବା କ୍ଷେତ୍ରରେ ଐକ୍ୟ ସେତିକି ଗଭୀର ହେବ । ଏହି ପ୍ରକ୍ରିୟାରେ, ଅର୍ଥାତ୍ ଏକ ସଠିକ୍ ଦ୍ୱାନ୍ଦ୍ୱିକ ପ୍ରକ୍ରିୟା ମଧ୍ୟ ଦେଇ ଆମେ ଆଗଉଛୁ କି ନାହିଁ, ଆଗେଇ ପାରୁଛୁ କି ନାହିଁ, ତା' ଉପରେ ହିଁ ସମଗ୍ର ବିଷୟଟି ନିର୍ଭର କରୁଛି । ମନେ ରଖିବାକୁ ହେବ ଆମେ ସମସ୍ତେ ଏକ ପ୍ରକ୍ରିୟାର ସୃଷ୍ଟି । ତେଣୁ ସଠିକ୍ ପ୍ରକ୍ରିୟାରେ ସଂଗ୍ରାମ ଅତ୍ୟନ୍ତ ଜରୁରୀ ।

ପାର୍ଟି ଉପରେ ନ୍ୟସ୍ତ ହୋଇଛି ଆଜି ଏକ ଐତିହାସିକ ଦାୟିତ୍ୱ । କମ୍ରେଡ ଶିବଦାସ ଘୋଷ ତାଙ୍କ ଜୀବଦ୍ଦଶାରେ ମାର୍କ୍ସବାଦ-ଲେନିନ୍‌ବାଦର ଧାରଣାଗୁଡ଼ିକୁ ଆମ ଦେଶରେ ବିଶେଷୀକୃତ କରିବାକୁ ଯାଇ ସମ୍ପ୍ରସାରିତ ଓ ସମୃଦ୍ଧ କରିଛନ୍ତି ଏବଂ ଜ୍ଞାନ ବିଜ୍ଞାନର ବିଭିନ୍ନ ଶାଖାରେ ତାଙ୍କ ଉପଲବ୍ଧିକୁ ଉନ୍ନତରୁ ଉନ୍ନତତର କରିଛନ୍ତି । ବର୍ତ୍ତମାନ ଚୁଡ଼ାନ୍ତ ପ୍ରତିକ୍ରିୟାଶୀଳ ବ୍ୟକ୍ତିବାଦ ଯୁଗରେ ଲେନିନୀୟ ମଡ଼େଲରେ ପାର୍ଟି ଗଠନ କରିବାକୁ ଯାଇ କମ୍ୟୁନିଷ୍ଟ ଚରିତ୍ର ଅର୍ଜନର ପରିପୂରକ ଆଦର୍ଶଗତ ଓ ସଂସ୍କୃତିଗତ ସଂଗ୍ରାମ ଦଳର ଅଭ୍ୟନ୍ତରୀଣ ଜୀବନରେ ତୀବ୍ର କରିବା ମଧ୍ୟ ଦେଇ ସମ୍ପୂର୍ଣ୍ଣ ନୂତନ ପଦ୍ଧତିରେ କନ୍‌ଭେନ୍‌ସନାଲ୍ ପ୍ରକ୍ରିୟାରେ (Conventional Practice) ସେଲ୍‌ରୁ ଆରମ୍ଭ କରି ସମସ୍ତ ସ୍ତରରେ ପାର୍ଟିର ସାଙ୍ଗଠନିକ ଛାଞ୍ଚ ଗୁଡ଼ିକୁ ସେ ଗଢ଼ି ତୋଳିଥିଲେ । ତାଙ୍କର ପୂର୍ଣ୍ଣାଙ୍ଗ ଚିନ୍ତାକୁ ଆମେ ଏବେ ବି ପ୍ରକାଶ କରିପାରୁ ନାହୁଁ । ଯେତିକି ପ୍ରକାଶିତ ହୋଇଛି, ତାକୁ ଅଧ୍ୟୟନ କରିବା, କେବଳ ଅଧ୍ୟୟନ ନୁହେଁ, ଜୀବନରେ ଗ୍ରହଣ ଓ ପ୍ରୟୋଗ କରିବା ମଧ୍ୟ ଦେଇ, ସେହି ଅନୁଯାୟୀ ଜୀବନକୁ ପରିଚାଳିତ କରିବା ପଥରେ ହିଁ ଆମ ନିଜକୁ ବିପ୍ଳବର ଉପଯୋଗୀ ଭାବେ ତିଆରି ହେବାକୁ ପଡ଼ିବ । ଯେଉଁସବୁ ଶ୍ରେଣୀ ବା ସ୍ତରରୁ ଆମେ ଆସିଛୁ ତାହା ମଧ୍ୟବିତ୍ତ ହେଉ, ନିମ୍ନ ମଧ୍ୟବିତ୍ତ ହେଉ, ଗରିବ ଚାଷୀ ବା କ୍ଷେତ ମଜୁରିଆ ହେଉ, ଆମକୁ ଶ୍ରେଣୀଚ୍ୟୁତ (declassed) ହେବାକୁ ପଡ଼ିବ । ଏପରିକି କେହି ଶ୍ରମିକ ପରିବାରରୁ ଆସିଥିଲେ ବି ଯେହେତୁ ପୁଞ୍ଜିବାଦୀ ସଂସ୍କୃତିର ପ୍ରଭାବ ତା ଭିତରେ ବି କାମ କରେ ତେଣୁ ଜଣେ ଶ୍ରମିକକୁ ବି ମାର୍କ୍ସବାଦ-ଲେନିନ୍‌ବାଦ ଓ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦୀ ଦର୍ଶନକୁ ଆୟତ୍ତ ଓ ପ୍ରୟୋଗ କରିବା ମଧ୍ୟ ଦେଇ ଶ୍ରମିକଶ୍ରେଣୀ ଦଳର ସଭ୍ୟ ହେବାର ମାନ ଅର୍ଜନ କରିବାକୁ ହେବ । ଅନ୍ୟାନ୍ୟ ଉପଶ୍ରେଣୀରୁ ଆସିଥିବା କମ୍ରେଡମାନଙ୍କୁ ମନେ ରଖିବାକୁ ହେବ

ଯେ, ସେମାନେ ଶ୍ରମିକର ତ୍ରାଣକର୍ତ୍ତା ନୁହଁନ୍ତି । ସେମାନେ ଏଇଥିପାଇଁ ଶ୍ରମିକଶ୍ରେଣୀ ବିପ୍ଳବ କରିବାକୁ ଆସିଛନ୍ତି ଯେ ଶ୍ରମିକଶ୍ରେଣୀର ବିପ୍ଳବ ସହିତ, ଶ୍ରମିକଶ୍ରେଣୀର ମୁକ୍ତି ଅର୍ଜନ ସହିତ ସେମାନଙ୍କର ନିଜର ମୁକ୍ତି ଅର୍ଜନର ପ୍ରଶ୍ନ ଓତଃପ୍ରୋତ ଭାବେ ଜଡ଼ିତ । ମାର୍କ୍ସବାଦ–ଲେନିନ୍‌ବାଦ ଓ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦର ଶିକ୍ଷା ଏକାଡ଼େମିକ୍ ସ୍କୁଲ୍ ଜରିଆରେ ହୁଏ ନାହିଁ । ଏଥିପାଇଁ କମ୍ରେଡ ଶିବଦାସ ଘୋଷ ସେଦିନ ଯେଉଁ ଅଗଣିତ ଷ୍ଟଡ଼ିସର୍କଲ ଓ ଷ୍ଟଡ଼ିକ୍ଲାସ୍ ପରିଚାଳନା କରିଥିଲେ, ସେଠି ପ୍ରତିନିୟତ ପଜିଟିଭ୍ ଓ ନେଗେଟିଭ୍ ଡ଼ାଇଲେକ୍‌ଟିକ୍‌ସ୍ ଭିତ୍ତିରେ କ୍ଲାସ୍ ପରିଚାଳନା କରୁଥିଲେ । କମ୍ରେଡମାନେ ନିଜ ବିଚାର ଅନୁଯାୟୀ ବିଭିନ୍ନ ପ୍ରଶ୍ନ ରଖୁଥିଲେ, ଯେଉଁମାନେ ସେତେବେଳେ ବି କମ୍ରେଡ ହୋଇ ନାହାନ୍ତି ସେମାନେ ବି ଆସୁଥିଲେ, ପ୍ରଶ୍ନ କରୁଥିଲେ । ସେମାନଙ୍କୁ ମନ ଖୋଲି କହିବା ପାଇଁ ସେ ସାହାଯ୍ୟ କରୁଥିଲେ । ପ୍ରଶ୍ନଗୁଡ଼ିକ ପଛରେ ଥିବା ଚିନ୍ତା ଭାବନାଗୁଡ଼ିକୁ ସାମ୍ନାକୁ ଆଣି ଆଲୋଚନା ପରିଚାଳନା କରୁଥିଲେ ଏବଂ ଏହିଭଳି ଭାବେ ପ୍ରତ୍ୟେକ ବିଷୟ ସମ୍ପର୍କରେ ଏବଂ ଚୂଡ଼ାନ୍ତ ଭାବେ ଆଲୋଚିତ ସମସ୍ତ ବିଷୟଗୁଡ଼ିକ ସମ୍ପର୍କରେ ଏକ ସୁସ୍ପଷ୍ଟ ଏବଂ ସାମଗ୍ରିକ ଧାରଣା ଗଢ଼ି ଦେଉଥିଲେ । ପୁଣି କେବେ କୌଣସି ଗୋଟିଏ ବିଷୟକୁ ସାମ୍ନାରେ ରଖି ତାକୁ କେନ୍ଦ୍ର କରି ବିସ୍ତୃତ ଆଲୋଚନା ଦ୍ୱାରା ତା' ଭିତରେ ଥିବା ବିଭିନ୍ନ ଦିଗଗୁଡ଼ିକୁ ବିଶ୍ଳେଷଣ କରି ଦେଖାଉଥିଲେ । ଏହିଭଳି ଭାବେ ନେଗେଟିଭ୍ ଓ ପଜିଟିଭ୍ ଡ଼ାଇଲେକ୍‌ଟିକ୍‌ସ୍ ଉଭୟ ପଦ୍ଧତିକୁ ପ୍ରୟୋଗ କରି ଷ୍ଟଡ଼ିକ୍ଲାସ୍, ଷ୍ଟଡ଼ିସର୍କଲ ଓ ଗ୍ରୁପ୍ ମିଟିଂ ପରିଚାଳନା କରୁଥିଲେ – ଏହିଭଳିଭାବେ କର୍ମୀ ସଂଗଠକମାନଙ୍କର ଚେତନାର ମାନ ତିଆରି ହୋଇଛି । ଏହି ଯେଉଁ ପ୍ରକ୍ରିୟା ସେ ଦର୍ଶାଇ ଯାଇଛନ୍ତି ଏହାକୁ ହିଁ ଆମର ନେତା ଓ କର୍ମୀମାନଙ୍କୁ ଅବିରାମ ଚର୍ଚ୍ଚା ମଧ୍ୟଦେଇ ଆୟତ୍ତ କରିବାକୁ ହେବ ଏବଂ ବଜାୟ ରଖିବାକୁ ହେବ ।

ତାଙ୍କ ଜୀବନ ସଂଗ୍ରାମର ଇତିହାସ ଆମେ ଏବେ ବି ପ୍ରକାଶ କରିପାରିନାହୁଁ । କିନ୍ତୁ ବିଭିନ୍ନ ସ୍ଥାନରେ, ବିଭିନ୍ନ କ୍ୟାମ୍ପରେ ସେଥିରୁ ଯେତିକି ବି ଆମେ ତୋଳି ଧରିବାକୁ ସକ୍ଷମ ହୋଇଛୁ ବା ବିଭିନ୍ନ ନେତା, ସଂଗଠକ ଓ କର୍ମୀ, ଯେଉଁମାନେ କମ୍ରେଡ ଶିବଦାସ ଘୋଷଙ୍କ ସାନ୍ନିଧ୍ୟ ଲାଭ କରିଛନ୍ତି ସେମାନେ ତାଙ୍କ ବିଶାଳ ସଂଗ୍ରାମୀ ଜୀବନର ବ୍ୟାପ୍ତିକୁ ସମ୍ପୂର୍ଣ୍ଣ ବୁଝି ନପାରିଲେ ବି ଯେତିକି ଜାଣିଛନ୍ତି ତା'ରି ମଧ୍ୟ ଦେଇ ତାଙ୍କ ମହାନ୍ ଚରିତ୍ର ଯେତିକି ବି ପ୍ରକାଶିତ ହୋଇଛି ତାହା ସଦାସର୍ବଦା ଅନୁଶୀଳନ କରିବା ପାଇଁ ଚେଷ୍ଟା କରିବେ । ସେ ଯେଉଁ ସର୍ବୋଚ୍ଚ ସ୍ଥାନରେ ପହଁଞ୍ଚିଥିଲେ

ସେହିଠାରେ ପହଁଞ୍ଚିବା ହିଁ ହେବ ଆମର ପ୍ରତ୍ୟେକ କର୍ମୀ, ସଂଗଠକ ଓ ନେତାଙ୍କର ଲକ୍ଷ୍ୟ । ସେ ବଞ୍ଚିଥିଲେ ବିପ୍ଳବ ପାଇଁ, ତାଙ୍କର ଅସ୍ତିତ୍ୱ ଥିଲା ବିପ୍ଳବୀ ଅସ୍ତିତ୍ୱ । ଦଳ ହିଁ ଜୀବନ, ବିପ୍ଳବ ହିଁ ଜୀବନ, ଏହି ଉପଲବ୍ଧିର ଯେଉଁ ସର୍ବୋଚ୍ଚ ମାନଟି ତାଙ୍କ ମଧ୍ୟରେ ପ୍ରତିଫଳିତ ହୋଇଛି ତାହା ଅନୁଧ୍ୟାନ କରିବା ଓ ଅର୍ଜନ କରିବା ହିଁ ହେବ ଆମର ଲକ୍ଷ୍ୟ ।

ପାର୍ଟିର ସଭ୍ୟ ହେବା ପାଇଁ ଯେଉଁ ସର୍ତ୍ତଗୁଡ଼ିକ ରହିଛି-ଦିନରେ ଅନ୍ତତଃ ତିନି ଘଣ୍ଟା କାମ କରେ କି ନାହିଁ, ନିୟମିତ ଚାନ୍ଦା ଦିଏ କି ନାହିଁ, କୌଣସି ପାର୍ଟି ବଡ଼ି ଅଧୀନରେ ରହି କାମ କରୁଛି କି ନାହିଁ, ପାର୍ଟି ଦ୍ୱାରା ଦିଆ ଯାଇଥିବା କୌଣସି ଦାୟିତ୍ୱ ପାଳନ କରୁଛି କି ନାହିଁ ତା ସହିତ ଆହୁରି ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଦିଗ ରହିଛି । ତାହା ହେଲା, ପ୍ରତିନିୟତ ପ୍ରତ୍ୟେକ ସଭ୍ୟ ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ଶ୍ରମିକଶ୍ରେଣୀର ସ୍ୱାର୍ଥ, ବିପ୍ଳବର ସ୍ୱାର୍ଥ ଏବଂ ଶ୍ରମିକଶ୍ରେଣୀର ଯେଉଁ ବିପ୍ଳବୀ ଦଳ ତାହାକୁ ଆଗେଇନେଇ ଯାଉଛି, ସେହି ସ୍ୱାର୍ଥ ନିକଟରେ ଗୌଣ କରି ପାରୁଛି କି ନାହିଁ । ଏହି ସଂଗ୍ରାମର ଏକ ଆରମ୍ଭ ରହିଛି, ପୁଣି ଏକ ସର୍ବୋଚ୍ଚ ସ୍ତର ରହିଛି । ଏହାର ଆରମ୍ଭ ହେଲା ଆବେଦନକାରୀ ସଭ୍ୟ ସ୍ତରରୁ, ସଭ୍ୟ ହେବାର ଗୁଣାବଳୀ ସ୍ତରଟିକୁ ଅର୍ଜନ କରିବା । ଆଉ ସର୍ବୋଚ୍ଚ ସ୍ତର ହେଲା ବିପ୍ଳବ ଓ ଦଳ ସହିତ ନିଜକୁ ଏକାତ୍ମ କରି ଦେବାର ଗୁଣାବଳୀର ଅଧିକାରୀ ହେବା । ପ୍ରତ୍ୟେକ ସଭ୍ୟକୁ ଏହି ଲକ୍ଷ୍ୟ ସାମ୍ନାରେ ରଖି ପ୍ରତିନିୟତ କର୍ମକାଣ୍ଡ ଜରିଆରେ ଗଣସଂଗ୍ରାମ ଓ ଶ୍ରେଣୀସଂଗ୍ରାମରେ ଅଂଶଗ୍ରହଣ କରିବାକୁ ହେବ । ଗଣସଂଗ୍ରାମ ଓ ଶ୍ରେଣୀସଂଗ୍ରାମ ଚରିତ୍ରକୁ ଲୌହ ଦୃଢ଼ କରି ଆଗେଇ ନିଏ । କିନ୍ତୁ ଯିବା କେଉଁଠିକି ? ସେହି ସ୍ତରକୁ ଯିବାକୁ ହେବ ଯେଉଁ ସ୍ତରରେ କମ୍ରେଡ ଶିବଦାସ ଘୋଷ ପହଁଞ୍ଚିଥିଲେ । ସେହି ସ୍ତରକୁ ଯଦି ନ ଯାଇ ବି ପାରୁ, ଅନ୍ତତଃପକ୍ଷେ 'ଦଳ ହିଁ ଜୀବନ', 'ବିପ୍ଳବ ହିଁ ଜୀବନ', ଏହି ପ୍ରତିଜ୍ଞା ଦ୍ୱାରା ନିଃସର୍ତ୍ତଭାବେ ହସ ହସ ମୁହଁରେ ଦଳ ନିକଟରେ ନିଜକୁ ଏକାତ୍ମ କରିବା ପାଇଁ ମୃତ୍ୟୁ ଯାଏ ସଂଗ୍ରାମ କରିଯିବୁ । ଦଳ ପକ୍ଷରୁ ଯେ କୌଣସି ଦାୟିତ୍ୱ ଦିଆଯାଉନା କାହିଁକି, ଯେତେବେଳ ଯାଏ ଜୀବନଶକ୍ତି ଟିକିଏ ବି ଅବଶିଷ୍ଟ ରହିଛି ସେତେବେଳ ଯାଏ ତାହା ପାଳନ କରିଯିବୁ । ଏହି ଅଦମ୍ୟ ମନୋବଳ ନେଇ ସଂଗ୍ରାମ କରିବାକୁ ହେବ ।

କମ୍ରେଡ ଶିବଦାସ ଘୋଷ ଯେତେବେଳେ କୈଶୋର ଓ ଯୌବନର ସନ୍ଧିକ୍ଷଣରେ ଘର ଛାଡ଼ିଛନ୍ତି, ସେତେବେଳେ ତାଙ୍କର ଯେଉଁ ଉପଲବ୍ଧି ତାହା ମଧ୍ୟ

ଲକ୍ଷ୍ୟ କରିବାକୁ ହେବ । ସେହି ଯୁଗରେ, ଅଗ୍ନିଯୁଗର ବିପ୍ଲବୀ ଭାବେ ଯେତେବେଳେ ଘର ଛାଡ଼ି ଆସିଛନ୍ତି, ସେତେବେଳେ ଭାବିଛନ୍ତି 'ଦେଶର ସ୍ୱାଧୀନତା ସଂଗ୍ରାମ ଆଉ ମୁଁ, ତା' ମଝିରେ କିଛି ରହିବ ନାହିଁ ।' ବାପା ମା', ଭାଇ, ଭଉଣୀ ତାଙ୍କ ପାଇଁ କମ୍ ସ୍ନେହ ଶ୍ରଦ୍ଧାର ପାତ୍ର ନଥିଲେ । ମାତ୍ର ସେ ଏକ ଉପଲବ୍ଧି ସ୍ତରରେ ପହଞ୍ଚିଥିଲେ, ଯାହା ତାଙ୍କରି ଭାଷାରେ କୁହେ - 'ବାପା କହୁଥିଲେ, ତୋ ଭଳି ଏମିତି ନିଆଁଗିଲା ବୁଝିବା ଆଉ କିଏ ବୁଝିଛି ? ସମସ୍ତଙ୍କୁ ତ ଦେଖୁଛି, ସ୍ୱଦେଶୀ କରୁଛନ୍ତି, ଗାନ୍ଧୀ ଟୋପି ପିନ୍ଧୁଛନ୍ତି ପୁଣି ଘର ସଂସାର କରୁଛନ୍ତି, ବାଣିଜ୍ୟ ବ୍ୟବସାୟ କରୁଛନ୍ତି । ତୋ ଭଳି ଏମିତି ନିଆଁଗିଲା ଦେଶ କାମ କିଏ କରୁଛି ?' ସେ କହୁଥିଲେ- ' କ'ଣ କରିବି ? ମୁଁ ଯେ ବୁଝିବା ପରେ ନିଜ ପାଖରେ ନିଜେ ଅଟକି ଯାଇଛି, ମୁଁ ଆପଣମାନଙ୍କୁ ଏଇ କଥାଟିକୁ ବୁଝିବାକୁ କହୁଛି । ମଣିଷ କାମ କରେ ତାର ଉପଲବ୍ଧି ବଳରେ । ଜାତୀୟ ସ୍ୱାଧୀନତା ସଂଗ୍ରାମ ଆଉ ସେଇ ସ୍ୱାଧୀନତା ସଂଗ୍ରାମର ଜଣେ ସୈନିକ, ଏ ଦୁହିଁଙ୍କ ମଝିରେ କିଛି ନଥବ -ଏହି ଉପଲବ୍ଧି, ଏହି ପ୍ରତ୍ୟୟ କେତେ ବିରାଟ । ଏହି ଗଭୀର ଉପଲବ୍ଧି ହିଁ ତାଙ୍କର ତରୁଣ ମନକୁ ଅଧିକାର କରି ନେଇଥିଲା । ଶରତଚନ୍ଦ୍ର ତାଙ୍କର 'ଚଲାପଥର ଦାବି' ଉପନ୍ୟାସରେ ସବ୍ୟସାଚୀ ବିପ୍ଲବୀ ଚରିତ୍ରଟି ଚିତ୍ରଣ କରିଛନ୍ତି । ବାସ୍ତବରେ ଏହା ଥିଲା ଆଦର୍ଶ ବିପ୍ଲବୀର ଏକ କଳ୍ପିତ ପ୍ରତିମୂର୍ତ୍ତି । ତତ୍କାଳୀନ ଅଗ୍ନି ଯୁଗର ବିପ୍ଲବୀମାନଙ୍କର ସମସ୍ତ ଗୁଣାବଳୀ ଏକତ୍ରିତ କରି ଶରତଚନ୍ଦ୍ର ରସ ମାଧ୍ୟମରେ ସବ୍ୟସାଚୀ ଚରିତ୍ରଟିକୁ ଜୀବନ୍ତଭାବେ ଫୁଟାଇଥିଲେ । ସେଠି ଦେଖୁ ସବ୍ୟସାଚୀ କହୁଛନ୍ତି- 'ଦେଶର ବିପ୍ଲବୀ କର୍ମକାଣ୍ଡ ଆଉ ମୁଁ ତା ମଝିରେ ଆଉ କିଛି ନାହିଁ' । ଆମେ ବି ତା' ଦ୍ୱାରା ଅନୁପ୍ରାଣିତ ହୋଇଛୁ, ମାତ୍ର କମ୍ରେଡ ଶିବଦାସ ଘୋଷ ଏହାଦ୍ୱାରା କେବଳ ଅନୁପ୍ରାଣିତ ହୋଇ ନାହାନ୍ତି, ଏହାର ଯଥାର୍ଥ ଉପଲବ୍ଧି ସ୍ତରରେ ମଧ୍ୟ ସେ ପହଞ୍ଚିଥିଲେ ।

କେହି ଜନ୍ମରୁ ବଡ଼ ମଣିଷ ହୁଏ ନାହିଁ, ବହୁ ସଂଗ୍ରାମ ଅତିକ୍ରମ କରି ମଣିଷ ବଡ଼ ହୁଏ । ସେହିଭଳି ପ୍ରତିନିୟତ କଠିନ ଓ କଠୋର ବାସ୍ତବ ପରିସ୍ଥିତିକୁ ମୁକାବିଲା କରିବା ପଥରେ କମ୍ରେଡ ଶିବଦାସ ଘୋଷଙ୍କ ଚିନ୍ତା ଏବଂ ବିଶାଳ ବ୍ୟକ୍ତିତ୍ୱର ବିକାଶ ଘଟିଛି । କମ୍ରେଡ଼ ଶିବଦାସ ଘୋଷଙ୍କ ଜୀବନ ସଂଗ୍ରାମର ଇତିହାସ, ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର ଇତିହାସ ଆଉ କମ୍ରେଡ ଶିବଦାସ ଘୋଷଙ୍କ ଚିନ୍ତାର ବିକାଶର ଇତିହାସ ଓତଃପ୍ରୋତଭାବେ ଜଡ଼ିତ - ଏହି ତିନିଟିକୁ ସମ୍ମିଳିତ ନ କଲେ କମ୍ରେଡ ଶିବଦାସ ଘୋଷଙ୍କ ଅଭ୍ୟୁଦୟ (emergence)କୁ ବୁଝାଯାଇପାରିବ ନାହିଁ ।

ଏଠି ଚିନ୍ତାରୁ ଚିନ୍ତାନାୟକଙ୍କୁ ଅଲଗା କରାଯାଇପାରିବ ନାହିଁ । କମ୍ରେଡ ଶିବଦାସ ଘୋଷଙ୍କ ଚିନ୍ତାକୁ ବୁଝିବାକୁ ହେଲେ ତାଙ୍କର ସଂଗ୍ରାମୀ ଜୀବନକୁ, ବିପ୍ଳବୀ ଅସ୍ତିତ୍ୱକୁ ବୁଝିବାକୁ ହେବ ଏବଂ ଏହି ପଥରେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)କୁ ବୁଝିବାକୁ ହେବ ।

ବିଗତ ନିର୍ବାଚନ ଜରିଆରେ କେନ୍ଦ୍ରରେ ବିଜେପି ପରିଚାଳିତ ମେଣ୍ଟ ସରକାର ପ୍ରତିଷ୍ଠିତ ହେବା ପରିପ୍ରେକ୍ଷୀରେ ଆମ ଦଳର କେନ୍ଦ୍ରୀୟ କମିଟି ଦଳର ଅଭ୍ୟନ୍ତରରେ ଯେଉଁ ସଂଗ୍ରାମର ପ୍ରକ୍ରିୟା ଆରମ୍ଭ କରିଛି ସେହି ବିଷୟଟିକୁ ଆଜି ସବୁଠାରୁ ଅଧିକ ଗୁରୁତ୍ୱ ଦେବାକୁ ହେବ । ଏହି ବିଷୟଟିକୁ ଗଭୀରରୁ ଗଭୀରତର ଭାବେ ବୁଝିବାକୁ ହେବ । ଆଜି ନେତା, କର୍ମୀ ଓ ଦଳ ସାମ୍ନାରେ ଯେ କୌଣସି ପ୍ରଶ୍ନ ଆସୁନା କାହିଁକି, ସବୁ ପ୍ରଶ୍ନକୁ ନେଇ ଖୋଲା ମନରେ ଦ୍ୱାନ୍ଦ୍ୱିକ ପ୍ରକ୍ରିୟାରେ ଆଲୋଚନା କରିବା, ସମସ୍ତ କର୍ମୀଙ୍କୁ ସମ୍ମିଳିତ କରି ଜୀବନର ସର୍ବଦିଗକୁ ବ୍ୟାପ୍ତ କରି 'ସମାଜତାନ୍ତ୍ରିକ ସଂଗ୍ରାମ' (socialist struggle) ପରିଚାଳିତ କରିବା, ଜୀବନର ଟିକିନିଖି ବିଷୟ ଏପରିକି ଯୌନ ଜୀବନ ପର୍ଯ୍ୟନ୍ତ ଯୁକ୍ତ କରି ସଂଗ୍ରାମ ପରିଚାଳନା କରିବା ଅତ୍ୟନ୍ତ ଜରୁରୀ । ଏହା କେବଳ କଥାର କଥା ନୁହେଁ । କମ୍ରେଡ ଶିବଦାସ ଘୋଷ ତାଙ୍କ ଜୀବନରେ ଏହା କାର୍ଯ୍ୟ କ୍ଷେତ୍ରରେ କରି ଦେଖାଇଯାଇଛନ୍ତି । ତାଙ୍କର ସେହି ଶିକ୍ଷାକୁ ପାଥେୟ କରି, ତାଙ୍କ ଜୀବନକୁ ଲକ୍ଷ୍ୟ ଭାବେ ଗ୍ରହଣ କରି ଏହି ସଂଗ୍ରାମରେ ବ୍ରତୀ ହେବାକୁ ପଡ଼ିବ । ଆଶା କରେ ଏହି କଥା ଗୁଡ଼ିକର ତାତ୍ପର୍ଯ୍ୟ ଆପଣମାନେ ଉପଲବ୍ଧି କରିବେ । ଏହାର ତାତ୍ପର୍ଯ୍ୟ ଗଭୀରରୁ ଗଭୀରତର ଭାବେ ଅନୁଧାବନ କରିବେ ଏବଂ ଜୀବନରେ ପ୍ରୟୋଗ କରିବାକୁ ଚେଷ୍ଟା କରିବେ । ଏକମାତ୍ର ଏହି ପଥରେ ହିଁ ଆମ ଦଳର ପ୍ରତିଷ୍ଠା ଦିବସ ଆମେ ସାର୍ଥକ ଭାବେ ପାଳନ କରିବାକୁ ସକ୍ଷମ ହେବା ।

**ଇନ୍‌କିଲାବ୍ ଜିନ୍ଦାବାଦ**

**କମ୍ରେଡ ଶିବଦାସ ଘୋଷ ଲାଲ ସଲାମ**

**ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଜିନ୍ଦାବାଦ ।**

***